بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ:

କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ ବଦର୍

Weekly BADAR Qadian

କାଦିଆନ

Odia

ସଂଖ୍ୟା: 37

ବାର୍ଷିକ ଦେୟ : 600/-

18 ରବିଉଲ୍ ଅୱଲ୍ 1447 ହି.କ, 11 ତବୁକ୍ 1404 ହି.ଶ, 11 September 2025 ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

وَمِنَ النَّاسِ مَنۡ یَّشۡرِیۡ نَفۡسَہُ ابۡتِغَآءَ مَرۡضَاتِ اللّٰہِ ؕ وَاللّٰہُ رَءُوۡفٌۢ بِالۡعِبَادِ ○

(ଅଲ୍ ବକ୍ରାହ୍ 208)

**ଅନୁବାଦ:** ଏବଂ ଏପରି କେତେକ ଲୋକ ଅଛନ୍ତି ଯେଉଁମାନେ ଅଲ୍ଲାଃତାଲାଙ୍କର ପ୍ରୀତିଭାଜନ ହେବା ସକାଶେ ନିଜ ଜୀବନକୁ ମଧ୍ୟ ବିକ୍ରୟ କରି ଦେଇଥାଆନ୍ତି ଏବଂ ଅଲ୍ଲାଃତାଲା ନିଜର ଏପରି ନିଷ୍ପାପର ବ୍ୟକ୍ତିମାନଙ୍କ ପ୍ରତି ଅତ୍ୟନ୍ତ ଦୟାଶୀଳ ଅଟନ୍ତି ।

## ଅହମଦିୟା ଖବର

**ଅଲହମଦୁ ଲିଲ୍ଲାଃ !** ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

### ବିଶ୍ୱାସର ସର୍ବୋଚ୍ଚ ସ୍ତର

ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ, ଜଣେ ବ୍ୟକ୍ତି ଅନ୍ୟ ବ୍ୟକ୍ତି ଠାରୁ କିଛି ସମ୍ପତ୍ତି କ୍ରୟ କଲା (କିଣିଲା)। ଜମି କ୍ରୟକାରୀ ବ୍ୟକ୍ତିକୁ ସେହି ଜମିରୁ ଏକ ସୁନା ମାଠିଆ ମିଳିଲା । ଫଳତଃ କ୍ରୟକାରୀ ବ୍ୟକ୍ତି ଜମି ବିକ୍ରେତା ପାଖକୁ ଗଲା ଏବଂ କହିଲା, ମହୋଦୟ ତୁମେ ମୋତେ ଯେଉଁ ଜମି ବିକ୍ରି କରିଥିଲେ ସେହି ଜମିରୁ ମୋତେ ଏକ ସୁନା ମାଠିଆ ପ୍ରାପ୍ତ ହୋଇଛି । ତେଣୁ ମୁଁ ସେହି ମାଠିଆକୁ ତୁମକୁ ଫେରସ୍ତ କରିବାକୁ ଆସିଛି। ପ୍ରତ୍ୟୁତ୍ତରରେ ଜମି ବିକ୍ରେତା ଜଣକ କହିଲା, ମହାଶୟ ମୁଁ ଯେଉଁ ଜମି ବିକ୍ରି କରିଛି ସେହି ଜମି ଓ ଜମି ମଧ୍ୟରେ ଯାହା କିଛି ବି ରହିଛି ସେହି ଜମିର ସମସ୍ତ ଅଧିକାର ସହିତ ମୁଁ ଉକ୍ତ ଜମି ବିକ୍ରି କରି ଦେଇଛି । ତେଣୁ ମୁଁ ସୁନା ମାଠିଆ ଫେରସ୍ତ ନେଇ ପାରିବି ନାହିଁ ।

ପରିଶେଷରେ ଦୁହେଁ ଉକ୍ତ ସମସ୍ୟାକୁ ନେଇ ଜଣେ ମୁରବି ନ୍ୟାୟପ୍ରିୟ ବ୍ୟକ୍ତିଙ୍କ ନିକଟରେ ହାଜର ହେଲେ । ସେହି ନ୍ୟାୟପ୍ରିୟ ବ୍ୟକ୍ତି ଜଣକ ଉଭୟଙ୍କ କଥା ଶୁଣି କହିଲେ, ବସ୍ସ ! କ'ଣ ତୁମ ଦୁଇ ଜଣଙ୍କର ସନ୍ତାନ ଅଛନ୍ତି କି ? ସହି ବ୍ୟକ୍ତି ଦ୍ୱୟ (ଅର୍ଥାତ୍ କ୍ରେତା ଓ ବିକ୍ରେତା) ଙ୍କ ମଧ୍ୟରୁ ଜଣେ କହିଲା ମୁନିବର ! ମୋର ଏକ ପୁତ୍ର ସନ୍ତାନ ଅଛି । ଅନ୍ୟ ବ୍ୟକ୍ତି ଜଣକ କହିଲା, ମୁନିବର ! ମୋର ଏକ କନ୍ୟା ସନ୍ତାନ ରହିଛି ।

ଅତଏବ୍ ସାଲିସ୍ ଅର୍ଥାତ୍ ବିଚାରକ ଏହି ପ୍ରସ୍ତାବ ଦେଲେ କି ତୁମେ ଦୁହେଁ ନିଜର ସନ୍ତାନ ଅର୍ଥାତ୍ ପୁତ୍ର ଓ କନ୍ୟାର ପରସ୍ପର ମଧ୍ୟରେ ବିବାହ କରିଦିଅ । ବିବାହ ଖର୍ଚ୍ଚ ଉକ୍ତ ସୁନା ମାଠିଆ ଦ୍ୱାରା ପୂରଣ କରିନିଅ ।

ସୁତରାଂ ଉକ୍ତ ନିର୍ଣ୍ଣୟ ବା ଫୈସଲା ଉପରେ ଦୁହେଁ ରାଜି ହୋଇଗଲେ ଏବଂ ବିବାହ ମାଧ୍ୟମରେ ଚରିତ୍ର ଏହି ଉତ୍ତମ ଆଧାତ୍ମିକ ସାମୀପ୍ୟତ ପ୍ରାପ୍ତି ସହିତ ସାଂସାରିକ ସଂପର୍କ ମଧ୍ୟ ଉଭୟ ବ୍ୟକ୍ତିଙ୍କ ମଧ୍ୟରେ ଗଢି ଉଠିଲା । ଅର୍ଥାତ୍ ଦୁହେଁ ପରସ୍ପରର ନିକଟବର୍ତ୍ତୀ ହୋଇଗଲେ ଏବଂ ସଂପର୍କୀୟ ପାଲଟିଗଲେ ।

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**"ଈଶ୍ୱର ବିରୋଧୀମାନଙ୍କ ଠାରୁ ଶକ୍ତି ଓ ଜ୍ଞାନ ଛିନ୍ନ କରି ନେଇଛନ୍ତି । ଯଦି ବିରୋଧୀମାନେ ଏକ ଅସ୍ତିତ୍ୱ ଏବଂ ଅନେକ ପ୍ରାଣ ଓ ଏକ ଶରୀର ହୋଇ ଉକ୍ତ ତଫସିର୍ (ବ୍ୟାଖ୍ୟା) ବିପକ୍ଷରେ ଲେଖନୀ ଚାଳନା କରିବାକୁ ଇଚ୍ଛା ପ୍ରକାଶ କରନ୍ତି ତେବେ ସେମାନେ କାଦାପି ଏପରି ତଫସିର୍ ଲେଖିପାରିବେ ନାହିଁ ।**

**ଏକ ମହାନ୍ ଚମତ୍କାର :**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ଆଜି ରାତିରେ ମୋ ଉପରେ ଏହି ଐଶୀବାଣୀ ଅବତୀର୍ଣ୍ଣ ହେଲା ଯେ,"مَنَعَہٗ مَانِعٌ مِّنَ السَّمَآءِ" ଅର୍ଥାତ୍ ଏହି ତଫସିର୍ (ବ୍ୟାଖ୍ୟା) ଲିଖନରେ କେହି ତୁମର ମୁକାବିଲା କରିପାରିବ ନାହିଁ । ଈଶ୍ୱର ବିରୋଧୀମାନଙ୍କ ଠାରୁ ଶକ୍ତି ଓ ଜ୍ଞାନ ଛିନ୍ନ କରି ନେଇଛନ୍ତି । ଯଦିଓ ଏଠାରେ ଇଙ୍ଗିତ ଜଣେ, ପୁରୁଷ ଏବଂ ଅନୁପସ୍ଥିତ ବ୍ୟକ୍ତି ଅର୍ଥାତ୍ ମେହେର୍ ଅଲୀ ଶାହ୍ ଆଡ଼କୁ ରହିଛି । କିନ୍ତୁ ଈଶ୍ୱର ଏହା ବୁଝାଇଛନ୍ତି ଯେ, ସେହି ବ୍ୟକ୍ତିର ଅସ୍ତିତ୍ୱରେ ସମସ୍ତ ବିରୋଧୀଙ୍କର ଅସ୍ତିତ୍ୱକୁ ଅନ୍ତର୍ଭୁକ୍ତ କରି ସମାବସ୍ଥା ବୋଲି ଦର୍ଶାଇଛନ୍ତି । କାରଣ ସର୍ବୋଚ୍ଚରୁ ସର୍ବୋଚ୍ଚତର ଏବଂ ମହାନରୁ ଅତି ମହାନ ଚମତ୍କାର ସିଦ୍ଧ ହେଉ କି ସମସ୍ତ ବିରୋଧୀମାନେ ଯଦି ଏକ ଅସ୍ତିତ୍ୱ ଏବଂ ଅନେକ ପ୍ରାଣ ଓ ଏକ ଶରୀର ହୋଇ ଉକ୍ତ ତଫସିର୍ (ବ୍ୟାଖ୍ୟା) ବିପକ୍ଷରେ ଲେଖନୀ ଚାଳନା କରିବାକୁ ଇଚ୍ଛା ପ୍ରକାଶ କରନ୍ତି ତେବେ ସେମାନେ କାଦାପି ଏପରି ତଫସିର୍ ଲେଖି ପାରିବେ ନାହିଁ ।"

ହୁଜୁର ଅ.ସ କହିଲେ: "ମନୁଷ୍ୟର କାର୍ଯ୍ୟ ମନୁଷ୍ୟ ହିଁ କରି ପାରିଥାଏ । ମୋ ବିପକ୍ଷରେ ଯେଉଁ ଲୋକମାନେ ରହିଛନ୍ତି ଏବଂ ବିଦ୍ୱାନ୍‌ମାନେ ରହିଛନ୍ତି ଓ ଯେଉଁମାନେ ନିଜକୁ ମୌଲବୀ ବୋଲାନ୍ତି । ତେବେ କେଉଁ କାରଣ ରହିଛି ଯେ, ମୁଁ ଯେଉଁ କାର୍ଯ୍ୟ ସମ୍ପାଦନ କଲି ତାହା ସେମାନେ କରିବାକୁ ସକ୍ଷମ ହୋଇପାରିବେ ନାହିଁ ? ଏହା ହିଁ ଏକ ଅନନ୍ୟ ଚମତ୍କାର ଅଟେ । ନବୀ (ଅବତାର) ଯଦି ଏକ ଲାଠି ଫିଙ୍ଗିଦିଏ ଏବଂ କୁହେ କି ମୋ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ଉକ୍ତ ଲାଠିକୁ ଉଠାଇ ପାରିବ ନାହିଁ । ତେବେ ଏହା ମଧ୍ୟ ଏକ ଚମତ୍କାର ଅଟେ । ସୁତରାଂ ତଫସିର୍ (ବ୍ୟାଖ୍ୟା) ଲିଖନ ଏକ ଜ୍ଞାନଭିତ୍ତିକ ଚମତ୍କାର ଅଟେ ।"

ହୁଜୁର ଅ.ସ କହିଲେ: "ପବିତ୍ର କୁରଆନ୍ କରୀମର ଉଚ୍ଚକୋଟିର ଆଳଂକାରିକ ଭାଷାର ଚମତ୍କାରର ଉତ୍ତରରେ ଏକଦା ଫଣ୍ଡର ନାମକ ଜନୈକ ପାଦରୀ ହରିରୀ ଓ ଅବୁଲ୍ ଫଜଲ୍ ଓ ଅନ୍ୟ କେତେକ ଇଂରାଜୀ ପୁସ୍ତକ ଉପସ୍ଥାପିତ କରିଥିଲା । ଉକ୍ତ କଥା ହେଉଛି ବହୁ ଦିନର କଥା । ମୁଁ ସେତେବେଳେ ମଧ୍ୟ ଏହା ହିଁ ଭାବିଥିଲି ଯେ, ଉକ୍ତ ବ୍ୟକ୍ତି ଜଣକ ମିଛ କହୁଛି । କାରଣ 1- ସେହି ଲେଖକମାନେ କେବେ ବି ଏହି ଦାବି ଉପସ୍ଥାପିତ କରି ନାହାନ୍ତି ଯେ, ସେମାନଙ୍କର ବାଣୀ ଅନନ୍ୟ ଓ ଅପ୍ରତୀମ ଅଟେ । ବରଂ ସେମାନେ ନିଜକୁ ନିକୃଷ୍ଟ ହେବାର ସର୍ବଦା ସ୍ୱୀକାରୋକ୍ତି ପ୍ରକାଶ କରିଥାଆନ୍ତି ଓ ପବିତ୍ର କୁରଆନ୍ କରୀମ୍‌ର ପ୍ରଶଂସା କରିଥାଆନ୍ତି । 2- ସେହି ଲୋକମାନଙ୍କ ପୁସ୍ତକରେ ଅର୍ଥ ସର୍ବଦା ଶବ୍ଦ ଅଧୀନ ହୋଇ ଚାଲିଥାଏ। କେବଳ ଶବ୍ଦଗୁଡ଼ିକ ଯୋଡ଼ି ହୋଇ ରହିଥାଆନ୍ତି । ଅନୁପ୍ରାସ ନିମନ୍ତେ ଗୋଟିଏ ଶବ୍ଦର ବିପରୀତରେ ଅନ୍ୟ ଏକ ଶବ୍ଦ ଖୋଜା ଯାଇଥାଏ ଏବଂ କଥନରେ (ବାକ୍ୟରେ) ତତ୍ତ୍ୱ ଓ ଅଧ୍ୟାତ୍ମ ପ୍ରତି ଧ୍ୟାନ ଦିଆଯାଇ ନଥାଏ । କିନ୍ତୁ ପବିତ୍ର କୁରଆନ୍ କରୀମ୍‌ରେ ବାରମ୍ବରତା, ସତ୍ୟ ଓ ତତ୍ତ୍ୱ ନିହିତ ରହିଛି । ବାସ୍ତବରେ ଉକ୍ତ କଥାକୁ ଅଙ୍ଗେ ଲିଭେଇବା ସତ୍ୟ ଓ ତତ୍ତ୍ୱମୂଳକ ବାଣୀ ସହିତ ଅନୁପ୍ରାସ ମଧ୍ୟ ସଠିକ୍ ହେବା ଉଚିତ୍ । ଉକ୍ତ ପ୍ରସଙ୍ଗ ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ପ୍ରାପ୍ତ କରିବା ଦ୍ୱାରା ହିଁ ପ୍ରାପ୍ତ ହୋଇଥାଏ । ଅନ୍ୟଥା ମନୁଷ୍ୟମାନଙ୍କର ବାଣୀ ଏପରି ହୋଇଥାଆନ୍ତି ଯେପରିକି ହରିରି ଆଦିଙ୍କ ଲେଖନୀ ପରି ।" **(ମଲ୍‌ଫୁଜାତ୍, ଭାଗ-2, ପୃ-84-85, ସଂସ୍କରଣ ବର୍ଷ-2018 ମସିହା)**

☆--☆--☆

**"ତା' ସ୍ୱରରେ କମ୍ପନ ଥିଲା, ତା' ଚକ୍ଷୁରେ ଲୁହ ଥିଲା । ଏପରି ପ୍ରତିତ ହେଉଥିଲା ଯେପରିକି ସେ ଦିନେ ନା ଦିନେ ଅବଶ୍ୟ ମୁସଲମାନ ହୋଇଯିବ । ଏହା ଏକ ଅସାଧାରଣ ପରିବର୍ତ୍ତନ ଥିଲା ଯାହା ହ. ଉମର୍ ର.ଅଙ୍କ ମଧ୍ୟରେ ସୃଷ୍ଟି ହେଲା ଏବଂ ତତ୍‌କ୍ଷଣାତ୍ ଆପଣ ର.ଅ ଅହିନକୂଳ ଶତ୍ରୁତାରୁ ସର୍ବୋଚ୍ଚ ସ୍ତରୀୟ ବିଶ୍ୱାସକାରୀ ବ୍ୟକ୍ତି ପାଲଟିଗଲେ । "**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ମୁମିନୁନ୍‌ର ଆୟତ୍ ثُمَّ اَنۡشَاۡنٰہُ خَلۡقًا اٰخَرَ ର ବ୍ୟାଖ୍ୟା କରି କୁହନ୍ତି: ପରିଶେଷରେ ଉକ୍ତ ପ୍ରସଙ୍ଗକୁ ବର୍ଣ୍ଣନା କରିଦେବା ମଧ୍ୟ ଆବଶ୍ୟକ ବୋଲି ଅନୁମିତ ହେଉଛି

## ପୃ-1ରେ ବର୍ଣ୍ଣିତ ତଫ୍‌ସିର୍‌ର ଅବଶିଷ୍ଟାଂଶ....

ଯେ, ଏହି ଆୟତ୍‌ଗୁଡ଼ିକରେ ثُمَّ اَنْشَاْنٰهُ خَلْقًا اٰخَرَ କହି ଅଲ୍ଲାଃତାଲା ଯେଉଁ ଆଧ୍ୟାତ୍ମିକ ମର୍ଯ୍ୟାଦାର ଚର୍ଚ୍ଚା କରିଛନ୍ତି ତାହା ଏହିପରି ଯେ, ଯେଉଁ ପ୍ରେମ ବଳିଦାନ, ସଂଗ୍ରାମ, ଉଦ୍ୟମ ଓ ଅହରହ କର୍ମ ସହିତ ସଂଶ୍ଳୀଷ୍ଟ ରହିଛି ଏବଂ ଯେଉଁଥି ପାଇଁ ଏକ ଦୀର୍ଘ କାଳ ପର୍ଯ୍ୟନ୍ତ ମନୁଷ୍ୟକୁ ନିଜ ଆତ୍ମାର ପ୍ରଭାରେ ବ୍ୟସ୍ତ ରହିବାକୁ ପଡ଼ିଥାଏ । କିନ୍ତୁ କେତେକ ପରିବର୍ତ୍ତନ ଏପରି ମଧ୍ୟ ହୋଇଥାଏ ଯାହା ବିପ୍ଳବାତ୍ମକ ରୂପେ ସଂଗଠିତ ହୋଇଥାଏ ଏବଂ ତତ୍‌କ୍ଷଣାତ୍ ମନୁଷ୍ୟକୁ ପାତାଳଲୋକରୁ ଉଠାଇ ନେଇ ଆକାଶଲୋକ ପର୍ଯ୍ୟନ୍ତ ପହଞ୍ଚାଇ ଦେଇଥାଏ । ହ. ଉମର୍ ର.ଅଙ୍କ ବିଶ୍ୱାସ ଆଣିବା ଘଟଣା ଉକ୍ତ ବିପ୍ଳବର ଏକ ଜୀବନ୍ତ (ସାକ୍ଷାତ୍) ଓ ଜ୍ୱଳନ୍ତ ଉଦାହରଣ ଅଟେ। ହ. ଉମର୍ ର.ଅଙ୍କ ଇସ୍‌ଲାମ୍ ଧର୍ମ ସହିତ ଅହିନକୂଳ ସଂପର୍କ ଥିଲା । କିନ୍ତୁ ତାଙ୍କ (ହ. ଉମର୍ ର.ଅଙ୍କ) ମଧ୍ୟରେ ଆଧ୍ୟାତ୍ମିକ ସାମର୍ଥ୍ୟତା ବିଦ୍ୟମାନ ଥିଲା । ଅର୍ଥାତ୍ ଆପଣ ର.ଅଙ୍କ ମଧ୍ୟରେ ପଞ୍ଚମ ରାଗ (ଅତ୍ୟନ୍ତ କ୍ରୋଧିତ ସ୍ୱଭାବ) ହେବା ସତ୍ତ୍ୱେ ରସୁଲ୍ କରୀମ୍ ସ.ଅ ଏବଂ ଆପଣ ସ.ଅଙ୍କ ସାହାବାମାନଙ୍କୁ କଷ୍ଟ ଦେବାର ଉତ୍ସାହ ମଧ୍ୟ ଉପସ୍ଥିତ ଥିଲା । ସୁତରାଂ ଯେତେବେଳେ ହବ୍‌ଶା ଆଡ଼କୁ ପ୍ରଥମ ପ୍ରବାସ ହେଲା ସେତେବେଳେ ମୁସଲମାନମାନେ ଫଜର୍ ନମାଜ୍ ପୂର୍ବେ ମକ୍କାରୁ ପ୍ରସ୍ଥାନ କରିବା ନିମନ୍ତେ ପ୍ରସ୍ତୁତି ଆରମ୍ଭ କଲେ । କାରଣ ଅବିଶ୍ୱାସକାରୀମାନେ ସେମାନଙ୍କୁ (ମୁସଲମାନମାନଙ୍କୁ) ଅଟକାଇ ନନିଅନ୍ତୁ ଓ ନା ହିଁ ମୁସଲମାନମାନଙ୍କୁ କୌଣସି କଷ୍ଟ ପହଞ୍ଚାଇ ପାରନ୍ତୁ । ମକ୍କାରେ ଏହି ପ୍ରଥା ରହିଥିଲା କି ରାତ୍ର ସମୟରେ କେତେକ ଅଧିପତିମାନେ ସହରର ଗସ୍ତ (ପଇଁତରା ମାରୁଥିଲେ) କରୁଥିଲେ । କାରଣ ଚୋରି ଯେପରି ନହେଉ । ଉକ୍ତ ପ୍ରଥାନୁଯାୟୀ ହ. ଉମର୍ ର.ଅ ମଧ୍ୟ ଏକଦା ରାତ୍ର ସମୟରେ ମକ୍କାରେ ବୁଲୁଥିଲେ କି ଆପଣ ର.ଅ ଦେଖିଲେ ଯେ, ଏକ ସ୍ଥାନରେ ଘର ସମ୍ମୁଖରେ ଘରର ସମସ୍ତ ଜିନିଷ ପାତ୍ର ସବୁ ବନ୍ଧା ହୋଇ ପଡ଼ିଛି । ଆପଣ ର.ଅ ଆଗକୁ ଅଗ୍ରସର ହେଲେ । ଜଣେ ସାହାବିୟାହ୍ ଜିନିଷପତ୍ର ପାଖରେ ଛିଡ଼ା ହୋଇଥିଲେ। ସେହି ସାହାବିୟାହଙ୍କ ସ୍ୱାମୀ ସମ୍ଭବତଃ ହ. ଉମର୍ ର.ଅଙ୍କ ସଂପର୍କୀୟ ଥିଲେ। ତେଣୁ ଆପଣ ର.ଅ ସେହି ସାହାବିୟାହ୍ (ମହିଳା ସାହାବି)ଙ୍କୁ ସମ୍ବୋଧିତ କରି କହିଲେ, ଶ୍ରୀମତୀ ! ଏ କି କଥା, ଘଟଣା କ'ଣ କି ? ମୋତେ ଏପରି ପ୍ରତିତ ହେଉଛି ଯେପରିକି ତୁମେ ବହୁତ ଦୀର୍ଘ ଯାତ୍ରାରେ ବାହାରୁଛ । ସେହି ସାହାବିୟାହ୍ ଜଣକର ସ୍ୱାମୀ ସେଠାରେ ନଥିଲା। ଯଦି ସେହି ସାହାବିୟାଙ୍କ ସ୍ୱାମୀ ସେଠାରେ ଥାଆନ୍ତା ତେବେ ସମ୍ଭବତଃ ମକ୍କାର ଅବିଶ୍ୱାକାରୀମାନଙ୍କ ଶତ୍ରୁତା ଯୋଗୁଁ ହ. ଉମର୍ ର.ଅଙ୍କ ଆଗରେ ଏକଥା ଶୁଣି କୌଣସି ଆଳ କରିନେଇ ଥାଆନ୍ତା । କିନ୍ତୁ ସେହି ମହିଳାକୁ ଏହି ଚେତନା (ମନେ) ନଥିଲା । ସେହି ମହିଳା ସାହାବିୟାହ୍ ଜଣକ କହିଲେ, ମହୋଦୟ ! ଆମେମାନେ ଆଜି ମକ୍କା ଛାଡୁଛୁ । ହ. ଉମର୍ ର.ଅ କହିଲେ, ତୁମେ ମକ୍କା ଛାଡୁଛ? ସାହାବିୟାହ୍ ଜଣକ କହିଲେ, ହଁ ଆମେ ତ' ମକ୍କା ଛାଡୁଛୁ । ହ. ଉମର୍ ର.ଅ କହିଲେ, ହେ ମହୋଦୟା ! ଆପଣମାନେ ମକ୍କା କାହିଁକି ଛାଡୁଛନ୍ତି? ସାହାବିୟାହ୍ ଜଣକ ପ୍ରତ୍ୟୁତ୍ତର ଦେଲେ ଯେ, ହେ ଉମର୍ ! ଆମେମାନେ ମକ୍କା ଏଇଥିପାଇଁ ଛାଡୁଛୁ ଯେ, ତୁମେମାନେ ଓ ତୁମର ଭାଇମାନଙ୍କୁ ଏଠାରେ ଆମର ରହିବା ଭଲ ଲାଗୁ ନାହିଁ । ଆମେମାନେ ଏଠାରେ ରହିବୁ ବୋଲି ସେମାନେ ପସନ୍ଦ କରୁ ନାହାନ୍ତି । ଆମମାନଙ୍କୁ ଏଠାରେ ଏକେଶ୍ୱରବାଦଙ୍କ ଉପାସନା କରିବା ନିମନ୍ତେ ଅନୁମତି ନାହିଁ । ସେଇଥି ପାଇଁ ଆମେମାନେ ନିଜର ମାତୃଭୂମି ଛାଡ଼ି ଯାଉଛୁ । ଆମେମାନେ ଅନ୍ୟ ଦେଶକୁ ଯାଉଛୁ । ବର୍ତ୍ତମାନ ହ. ଉମର୍ ର.ଅ ଇସ୍‌ଲାମ୍ ଧର୍ମର ପରମ ଶତ୍ରୁ ଥିଲେ । ଏସବୁ ସତ୍ତ୍ୱେ ସେ ସ୍ୱୟଂ ମୁସଲମାନମାନଙ୍କୁ ମାରିବା ନିମନ୍ତେ ପ୍ରସ୍ତୁତ ଏବଂ ତତ୍ପର ରହୁଥିଲେ, ଆପଣ ରାତ୍ରର ଅନ୍ଧକାରରେ ସେହି ସାହାବିୟାହ୍‌ଙ୍କ ଉକ୍ତ ଉତ୍ତର ଶୁଣିଲେ ଯେ,ସେହି ସାହାବିୟାହ୍ ଜଣକ କହୁଥିଲେ ଯେ, ଆମେମାନେ ନିଜର ମାତୃଭୂମି ପରିତ୍ୟାଗ କରୁଛୁ। ତେଣୁ ତୁମେମାନେ ଏବଂ ତୁମର ଭାଇମାନଙ୍କୁ ଏଠାରେ ଆମର ରହିବା ପସନ୍ଦ କରୁ ନାହାନ୍ତି । ଆମମାନଙ୍କୁ ଏଠାରେ ଏକେଶ୍ୱରବାଦଙ୍କ ଉପାସନା କରିବା ନିମନ୍ତେ ଅନୁମତି ନାହିଁ । ଉପାସନା ନିମନ୍ତେ ସ୍ୱାଧୀନତା ଦିଆଯାଉ ନାହିଁ ଆମମାନଙ୍କୁ ଏଠାରେ ଏକେଶ୍ୱରବାଦଙ୍କ ଉପାସନା କରିବା ନିମନ୍ତେ ଅନୁମତି ନାହିଁ । ହ. ଉମର୍ ର.ଅ ନିଜର ମୁଖ ଅନ୍ୟ ଦିଗ ଆଡ଼କୁ ବୁଲାଇ ନେଲେ ଏବଂ ସାହାବିୟାହ୍‌ଙ୍କ କହିଲେ, ଆଚ୍ଛା ଯାଅ, ଈଶ୍ୱର ତୁମମାନଙ୍କର ରକ୍ଷକ ହୁଅନ୍ତୁ । ଏପରି ପ୍ରତିତ ହେଉଛି ଯେପରି ହ. ଉମର୍ ର.ଅ ଭାବ ବିହ୍ୱଳ ହୋଇ ପଡ଼ିଥିଲେ । ଆପଣ ର.ଅ ଏହା ଭାବିଲେ, ଯଦି ମୁଁ ସେହି ମହିଳା ଆଡ଼କୁ ମୁହଁ କରି ଥାଆନ୍ତି ତେବେ ମୁଁ ଅବଶ୍ୟ କାନ୍ଦି ପକାଇ ଥାଆନ୍ତି । ଠିକ୍ ସେତିକି ବେଳେ ସେହି ସାହାବିୟାହ୍‌ଙ୍କ ସ୍ୱାମୀ ମଧ୍ୟ ଆସିଗଲେ । ସେହି ସାହାବିୟାହ୍‌ଙ୍କ ସ୍ୱାମୀ ଏହା ମନେକରୁଥିଲେ ଯେ, ହ. ଉମର୍ ର.ଅ ହେଉଛନ୍ତି ଇସଲାମ୍ ଧର୍ମର ପରମ ଶତ୍ରୁ। ତେଣୁ ସେହି ମହିଳାଙ୍କ ସ୍ୱାମୀ ଯେତେବେଳେ ହ. ଉମର୍ ର.ଅଙ୍କୁ ନିଜ ସ୍ତ୍ରୀ ପାଖରେ ଛିଡ଼ା ହୋଇଥିବାର ଦେଖିଲେ ସେତେବେଳେ ସେ ଏହା ଭାବିଲେ ଯେ, ହ. ଉମର୍ ର.ଅ ଆମ ଯାତ୍ରାରେ କୌଣସି ବାଧା ସୃଷ୍ଟି ନକରନ୍ତୁ । ତେଣୁ ସେ ନିଜର ପତ୍ନିକୁ ପଚାରିଲେ ଯେ, ହ. ଉମର୍ ର.ଅ ଏଠାକୁ କେମିତି ଚାଲି ଆସିଲେ ? ପ୍ରତ୍ୟୁତ୍ତରରେ ତାଙ୍କର ପତ୍ନି କହିଲେ, ହ. ଉମର୍ ର.ଅ ଏଠାକୁ ଏହିପରି (ପଇଁତରା ମାରି) ଆସିଥିଲେ ଏବଂ ସେ ମୋତେ ପ୍ରଶ୍ନ କଲେ ଯେ, ଆମେ କୁଆଡ଼େ ଯାଉଛୁ ? ସ୍ୱାମୀ ଜଣକ କହିଲେ, ହ. ଉମର୍ କିଛି ଉପଦ୍ରବ ସୃଷ୍ଟି ନକରି ଦିଅନ୍ତୁ। ସେହି ସାହାବିୟାହ୍ ଜଣକ କହିଲେ, ହେ ମୋ ଚଚାଙ୍କୁ ପୁତ୍ର ! (ଆରବ୍ୟ ମହିଳାମାନେ ସାଧାରଣତଃ ନିଜର ସ୍ୱାମୀଙ୍କୁ ଚଚାଙ୍କ ପୁତ୍ର ବୋଲି ସମ୍ବୋଧନ କରିଥାଆନ୍ତି)। ସାହାବିୟାହ୍ ନିଜର ସ୍ୱାମୀଙ୍କୁ କହିଲେ, ହେ ସ୍ୱାମୀ! ତୁମେ ପରା ଏହା କହୁଥିଲ ଯେ, ହ. ଉମର୍ ର.ଅ କୌଣସି ଉପଦ୍ରବ ସୃଷ୍ଟି ନକରି ଦିଅନ୍ତୁ? କିନ୍ତୁ ମୋତେ ଏପରି ଲାଗୁଛି ଯେ, ହ. ଉମର୍ ର.ଅ ଦିନେ ନା ଦିନେ ମୁସଲମାନ ହୋଇଯିବେ । କାରଣ ମୁଁ ଯେତେବେଳେ ହ. ଉମର୍ ର.ଅଙ୍କୁ କହିଲି କି ହେ ଉମର୍! ଆମେମାନେ ମକ୍କା ଏଇଥିପାଇଁ ଛାଡୁଛୁ ଯେ, ଆପଣ ଓ ଆପଣଙ୍କର ଭାଇମାନଙ୍କୁ ଏଠାରେ ଆମର ରହିବା ଭଲ ଲାଗୁ ନାହିଁ । ଆମେମାନେ ଏଠାରେ ରହିବୁ ବୋଲି ସେମାନେ ପସନ୍ଦ କରୁ ନାହାନ୍ତି । ଆମମାନଙ୍କୁ ଏଠାରେ ଏକେଶ୍ୱରବାଦଙ୍କ ଉପାସନା କରିବା ନିମନ୍ତେ ଅନୁମତି ଦିଆଯାଉ ନାହିଁ । ସେଇଥି ପାଇଁ ଆମେମାନେ ନିଜର ମାତୃଭୂମି ଛାଡ଼ି ଯାଉଛୁ। ତୁମେ ଓ ତୁମର ଭାଇମାନେ ଏଠାରେ ଆମମାନଙ୍କୁ ସ୍ୱାଧୀନ ଭାବରେ ଉପାସନା କରିବାକୁ ଦେଉ ନାହାନ୍ତି । ଫଳତଃ ଉମର୍ ର.ଅ ଭାବ ବିହ୍ୱଳ ହୋଇ ପଡ଼ିଲେ । ଆପଣ ର.ଅ ଅନ୍ୟ ଦିଗକୁ ମୁହଁ ବୁଲାଇ ନେଲେ ଏବଂ କହିଲେ, ଆଚ୍ଛା ଯାଅ, ଈଶ୍ୱର ତୁମମାନଙ୍କର ରକ୍ଷକ ହୁଅନ୍ତୁ । ସେଇଥି ପାଇଁ ମୋତେ ଏପରି ଲାଗୁଛି ଯେ, ହ. ଉମର୍ ର.ଅ ଦିନେ ନା ଦିନେ ମୁସଲମାନ ହୋଇଯିବେ ।

ଏହିପରି ଭାବରେ ଦିନ ବିତି ଚାଲିଲା ଏବଂ ହ. ଉମର୍ ର.ଅ ଇସ୍‌ଲାମ୍ ଧର୍ମର ଅହରହ ଘୋର ବିରୋଧ କରୁଥିଲେ । ଦିନେ ତାଙ୍କ ହୃଦୟରେ ଏହି ଧାରଣା ନିଶ୍ଚିତ ସୃଷ୍ଟି ହୋଇଥିବ ଯେ, ଏହି ଧର୍ମର ଧର୍ମ ସଂସ୍ଥାପକଙ୍କର ହିଁ କାମ ତମାମ୍ କରିଦିଆଯାଉ । ଅତଏବ୍ ଉକ୍ତ ଧାରଣ ତାଙ୍କ ମନରେ ଆସିବା ମାତ୍ରେ ସେ ଖଡ଼୍‌ଗ ଧରିଲେ ଏବଂ ରସୁଲ୍ କରୀମ୍ ସ.ଅଙ୍କୁ ହତ୍ୟା କରିବା ନିମନ୍ତେ ବାହାରି ପଡ଼ିଲେ । ବାଟରେ ତାଙ୍କୁ କେହି ପଚାରିଲା କି ହେ ଉମର୍! କୁଆଡ଼େ ଯାଉଛ ? ପ୍ରତ୍ୟୁତ୍ତରରେ ହ. ଉମର୍ ର.ଅ ଉତ୍ତର ଦେଲେ ଯେ, ମୁଁ ମୁହମ୍ମଦ୍ ସ.ଅଙ୍କୁ ମାରିବା ନିମନ୍ତେ ଯାଉଅଛି। ସେହି ବ୍ୟକ୍ତି ଜଣକ ହସି ହସି କହିଲା, ହେ ହେ ହେ ! ହେ ଉମର୍ ! ତୁମେ ମୁହମ୍ମଦ୍ ସ.ଅଙ୍କୁ ହତ୍ୟା କରିବା ନିମନ୍ତେ ବାହିରଛ । କିନ୍ତୁ ଆଗ ନିଜ ଘର କଥା ଟିକେ ବୁଝ ! ତୁମ ଘରେ ତୁମର ଭଉଣୀ ଓ ତୁମର ଭିଣୋଇ ମୁହମ୍ମଦ୍ ସ.ଅଙ୍କ ଉପରେ ବିଶ୍ୱାସ ଆଣିଛନ୍ତି । ସେହି ବ୍ୟକ୍ତି ଜଣକ କହିଲା, ହେ ଉମର୍ ତୁମେ ସ୍ୱୟଂ ନିଜ ଘରେ ଯାଇ ଦେଖିନିଅ । ହ. ଉମର୍ ର.ଅ ସେଠାକୁ ଗଲେ ଏବଂ ଦୁଆର୍ (କବାଟ୍) ବନ୍ଦ୍ ଥିଲା ଏବଂ ଭିତରେ ଜଣେ ସାହାବି ପବିତ୍ର କୁରଆନ୍ କରୀମ୍ ପାଠ ପଢାଉଥିଲେ । ହ. ଉମର୍ ର.ଅ ଘରେ ଯେତେବେଳେ ପହଞ୍ଚିଲେ ସେତେବେଳେ ଆପଣ ର.ଅଙ୍କ ଭିଣୋଇଙ୍କ ସ୍ୱର ଆସିଲା ଯେ, କିଏ ଅଛି? ହ. ଉମର୍ ର.ଅ ଉତ୍ତର ଦେଲେ ଯେ, ମୁଁ ଉମର୍ ଅଟେ । ହ. ଉମର୍ ର.ଅଙ୍କ ଭିଣୋଇ ଯେତେବେଳେ ଦେଖିଲେ କି ହ. ଉମର୍ ଦୁଆର ସମ୍ମୁଖରେ ଛିଡ଼ା ହୋଇଛନ୍ତି ଏବଂ ହ. ଉମର୍ ର.ଅଙ୍କ ଭିଣୋଇ ଏକଥା ଜାଣିଥିଲେ ଆପଣ ଇସ୍‌ଲାମ୍ ଧର୍ମର ଘୋର ବିରୋଧୀ ଓ ପରମ ଶତ୍ରୁ ଅଟନ୍ତି, ସେତେବେଳେ ସେ ସେହି ସାହାବି ଯିଏ ତାଙ୍କୁ (ହ. ଉମର୍ ର.ଅଙ୍କ ଭିଣୋଇଙ୍କୁ) ପବିତ୍ର କୁରଆନ୍ କରୀମ୍ ପାଠ କରାଉଥିଲେ ସେହି ପାଠ କରାଉଥିବା ସାହାବିକୁ ହ. ଉମର୍ ର.ଅଙ୍କ ଭିଣୋଇ ଘରେ ଲୁଚାଇ ଦେଲେ । ଏହିପରେ ସେ ଅର୍ଥାତ୍ ହ. ଉମର୍ ର.ଅଙ୍କ ଭିଣୋଇ ପବିତ୍ର କୁରଆନ୍ କରୀମ୍‌ର ପୃଷ୍ଠାଗୁଡ଼ିକୁ ଅନ୍ୟ ଏକ କୋଣରେ ଲୁଚାଇ ରଖିଦେଲେ ଏବଂ ଏହାପରେ ଯାଇ କବାଟ ଖୋଲିଲେ। ହ. ଉମର୍ ଲୋକଙ୍କ ଠାରୁ ଏକଥା ଶୁଣି ଆସିଥିଲେ ଯେ, ତାଙ୍କ ଭିଣୋଇ ମୁସଲମାନ ହୋଇ ଯାଇଛନ୍ତି ତେଣୁ ସେ ଆସିବା ମାତ୍ରେ ଏହା **(ଅବଶିଷ୍ଟାଂଶ............ପୃ-9ରେ)**

## 130 ତମ ଜଲ୍‌ସା ସାଲାନା କାଦିୟାନ୍, ତା-26, 27, 28, ଡିସେମ୍ବର, 2025 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 130 ତମ ଜଲ୍‌ସା ସାଲାନା କାଦିୟାନ୍ 2025 ମସିହା ନିମନ୍ତେ ତା-26, 27, 28 ଡିସେମ୍ବର 2025 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧ୍ୟାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ଓ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

**(ଖୁତ୍‌ବା ଜୁମା)**

**ମକ୍କା ବିଜୟର ତୁରନ୍ତ ପରେ ନବୀ କରୀମ୍ ସ.ଅ ପିତୁଳାମାନଙ୍କର ଠିକଣାଗୁଡ଼ିକୁ ଭୂମିସାତ୍ କରିବା ନିମନ୍ତେ ଆଦେଶ ଦେଲେ । କାରଣ ଲୋକମାନଙ୍କର ହୃଦୟରୁ ସେହି ପ୍ରତିମାଗୁଡ଼ିକର କୃତ୍ରିମ ଭୟ ଏବଂ ମର୍ଯ୍ୟାଦା ସମାପ୍ତ ବା ଦୂରୀଭୂତ ହୋଇଯାଉ । ଏହି ତାତ୍ତ୍ୱିକପୂର୍ଣ୍ଣ ନିଷ୍ପତ୍ତି ବେଶ୍ କଲ୍ୟାଣମୟ ସାବ୍ୟସ୍ତ ହେଲା। କାରଣ ସେହି ମୂର୍ତ୍ତିଗୁଡ଼ିକୁ ଧୂଳିସାତ୍ କରିବା ଦ୍ୱାରା ଲୋକମାନଙ୍କ ମନରୁ ସେହି ମୂର୍ତ୍ତିର ଯେଉଁ ମିଛ ଭୟ ଏବଂ ଡର ରହିଥିଲା ତାହା ସମାପ୍ତ ହୋଇଗଲା । ସେମାନଙ୍କୁ ଏହି ବିଶ୍ୱାସ ହେବାକୁ ଲାଗିଲା ଯେ, ଯେଉଁ ଏକେଶ୍ୱରବାଦ ସଂପର୍କରେ ମୁହମ୍ମଦ୍ ସ.ଅ ଉପସ୍ଥାପିତ କରିଛନ୍ତି । ସେହି ଏକେଶ୍ୱରବାଦଙ୍କ ଧାରଣା ହିଁ ସଠିକ୍ ଅଟେ**

— — — — — — — — — — — — — — — — — — — —

**କୁରୈଶ୍‌ମାନଙ୍କର ଅଧିପତିମାନଙ୍କ ମଧ୍ୟରେ ଯେଉଁ ଅଧିପତି ଇସଲାମ୍ ଧର୍ମ ସ୍ୱୀକାର କରିଥିଲେ ଏବଂ ସର୍ବାଧିକ ରୂପେ ନମାଜ ଓ ରୋଜାର ନିୟମାନୁବର୍ତ୍ତୀ, ସଦ୍‌କା ପ୍ରଦାନକାରୀ ଥିଲେ ସେହି ଅଧିପତିଙ୍କ ମଧ୍ୟରେ ହ. ସୁହୈଲ୍ ର.ଅଙ୍କ ବ୍ୟତୀତ ଅନ୍ୟ କୌଣସି ଅଧିପତି ରୋଜାର ନିୟମାନୁବର୍ତ୍ତୀ, ସଦ୍‌କା ପ୍ରଦାନକାରୀ ନଥିଲେ । ହ. ସୁହୈଲ୍ ଈଶ୍ୱରଙ୍କ ନିକଟରେ ଅତି କାକୁତି ମିନତୀ ହୋଇ ରୋଦାନ ଓ ବିଳାପ କରୁଥିଲେ । ହ. ସୁହୈଲ୍ ର.ଅ ଯେତେବେଳେ ପବିତ୍ର କୁରଆନ୍ କରୀମ୍ ପାଠ କୁରଥିଲେ ସେତେବେଳେ ଆପଣ ବହୁତ କାନ୍ଦୁଥିଲେ ।**

— — — — — — — — — — — — — — — — — — — —

**ମକ୍କା ବିଜୟ ଅବସରରେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିଥିବା ଅଧିପତିମାନଙ୍କ ମଧ୍ୟରୁ ଅନେକ ଅଧିପତିମାନେ ପରବର୍ତ୍ତୀ ସମୟରେ ନିଜ ଜୀବନରେ ଏକ ଅପୂର୍ବ ଆଧାତ୍ମିକ ବିପ୍ଳବ ସୃଷ୍ଟି କରିଥିଲେ ।**

— — — — — — — — — — — — — — — — — — — —

**ମକ୍କା ବିଜୟ ଓ ଯୁଦ୍ଧର ପୃଷ୍ଠଭୂମିରେ ଆଁହଜରତ ସ.ଅଙ୍କ ପବିତ୍ର ଜୀବନୀ ଚର୍ଚ୍ଚା ।**

— — — — — — — — — — — — — — — — — — — —

**ଶ୍ରୀଯୁକ୍ତ ଚୌଧୁରୀ ଅବଦୁଲ୍ ଗଫୁ ସାହେବ ଜାମ୍ ଶୋରୋ ସିନ୍ଧ୍ ଏବଂ ଫୈସ୍‌ଲାବାଦ ଜିଲ୍ଲାର କର୍ତ୍ତାରପୁର ବ୍ଲକ୍ ଅନ୍ତର୍ଗତଶ୍ରୀଯୁକ୍ତ ମୁହମ୍ମଦ ଅଲୀ ସାହେବଙ୍କ ଉତ୍ତମ ଚର୍ଚ୍ଚା ଓ ନମାଜ୍ ଯନାଜାଃ ଗାଏବ୍ ।**

**08 August 2025 ମସିହା ଅନୁଯାୟୀ ୦୮ ଜହୁର୍ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଜଲ୍‌ସା ପୂର୍ବରୁ ମକ୍କା ବିଜୟ ଅବସରରେ ଘଟିଥିବା ଘଟଣାବଳୀର ଚର୍ଚ୍ଚା ଚାଲିଥିଲା । ସେହି କ୍ରମରେ ଏହାର ଅବଶିଷ୍ଟାଂଶ ମୁଁ ବର୍ଣ୍ଣନା କରିବି । ହୁଜୁରୁ ଅନ୍‌ୱର୍ ଅ.ବ କହିଲେ, ମକ୍କା ବିଜୟ ଅବସରରେ ମୁଁ ଇସ୍‌ଲାମ୍ ଧର୍ମର କେତେକ ଘୋର ବିରୋଧୀ ଓ ପରମ ଶତ୍ରୁ ଓ ସେମାନଙ୍କର ଇସଲାମ୍ ଧର୍ମ ସ୍ୱୀକାର କରିବାର ଘଟଣା ସଂପର୍କରେ ଚର୍ଚ୍ଚା କରିଥିଲି । ତନ୍ମଧ୍ୟରୁ ମୁଁ କେତେକଙ୍କର ଚର୍ଚ୍ଚା କରିଥିଲି ଓ ଆଉ କେତେକଙ୍କର ଚର୍ଚ୍ଚା ବାକି ରହିଥିଲା। ଅତଏବ୍ ସେହି ଇସଲାମ୍ ଧର୍ମ ଗ୍ରହଣକାରୀଙ୍କ ମଧ୍ୟରେ ଜଣେ ବ୍ୟକ୍ତି ହେଉଛନ୍ତି ୱହ୍‌ଶି ବିନ୍ ହର୍ବ୍ । ଏହି ବ୍ୟକ୍ତି ହିଁ ୱହୋଦ୍ ଯୁଦ୍ଧରେ ହ. ହମ୍‌ଜା ର.ଅଙ୍କୁ ଶହୀଦ୍ କରିଥିଲା ଏବଂ ମକ୍କା ବିଜୟ ପରେ ତାଏଫ୍ ପଳାୟନ କରିଥିଲା । ଯେତେବେଳେ ତାଏଫ୍‌ବାସୀ ଇସ୍‌ଲାମ୍ ଧର୍ମ ସ୍ୱୀକାର କଲେ ସେତେବେଳେ ଏହି ବ୍ୟକ୍ତି ଅର୍ଥାତ୍ ୱହ୍‌ଶି ବିନ୍ ହର୍ବ୍ ମଧ୍ୟ ଆସିଲା ଏବଂ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲା ୱହ୍‌ଶି ବିନ୍ ହର୍ବ୍ ।

**(ସବ୍‌ଲୁଲ୍ ହୁଦା ୱର୍ ରଶ୍ବାଦ୍, ଭାଗ-5, ପୃ-225, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ବୁଖାରୀର ବର୍ଣ୍ଣନାରେ ୱହ୍‌ଶିର ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାର ଚର୍ଚ୍ଚା ଏହିପରି ବର୍ଣ୍ଣିତ ହୋଇଛି ଯେ, ଯେଉଁ ଚର୍ଚ୍ଚାକୁ ସେ ନିଜେ ବର୍ଣ୍ଣନା କରିଛି । ସେ କୁହେ ଯେ, ମୁଁ ମକ୍କାରେ ସେତେବେଳ ପର୍ଯ୍ୟନ୍ତ ଅବସ୍ଥାନ କରିଥିଲି ଯେତେବେଳ ପର୍ଯ୍ୟନ୍ତ ମକ୍କାରେ ଇସ୍‌ଲାମ୍ ଧର୍ମ ବ୍ୟାପୀ ନଥିଲା । କିନ୍ତୁ ଯେତେବେଳେ ମକ୍କାରେ ଇସ୍‌ଲାମ୍ ଧର୍ମ ବ୍ୟାପୀଲା ସେତେବେଳେ ମୁଁ ତାଏଫ୍ ଆଡ଼କୁ ପଳାଇ ଆସିଲି । ଲୋକମାନେ ରସୁଲୁଲ୍ଲାଃ ସ.ଅଙ୍କ ଆଡ଼କୁ ସନ୍ଦେଶବାହକ ପ୍ରେରଣ କଲେ ଏବଂ ମୋତେ କହିଲେ, ଯେ, ଆଁହଜରତ ସ.ଅ ସନ୍ଦେଶବାହକମାନଙ୍କୁ ସହିତ ମତଭେଦ ଓ ସେମାନଙ୍କୁ କଷ୍ଟ ଦିଅନ୍ତି ନାହିଁ । ୱହ୍‌ଶି କୁହନ୍ତି ଯେ, ମୁଁ ସେମାନଙ୍କ ସହିତ ବାହାରିଲି । ଏପର୍ଯ୍ୟନ୍ତକି ମୁଁ ରସୁଲୁଲ୍ଲାଃ ସ.ଅଙ୍କ ନିକଟରେ ପହଞ୍ଚିଲି । ଆପଣ ସ.ଅ ଯେତେବେଳେ ମୋତେ ଦେଖିଲେ ସେତେବେଳେ ଆପଣ ସ.ଅ କହିଲେ ହେ ବ୍ୟକ୍ତି ! କ'ଣ ତୁମେ ୱହ୍‌ଶି ଅଟ କି ? ମୁଁ କହିଲି ଆଜ୍ଞା ! ଆଜ୍ଞା ମୁଁ ୱହ୍‌ଶି ଅଟେ । ଆଁହଜରତ ସ.ଅ କହିଲେ, ୱହ୍‌ଶୀ! ତୁମେ ହମ୍‌ଜା ର.ଅଙ୍କୁ ହତ୍ୟା କରିଥିଲ ନା ? ମୁଁ କହିଲି ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯେଉଁ କଥା ଆପଣ ସ.ଅଙ୍କ ପର୍ଯ୍ୟନ୍ତ ପହଞ୍ଚିଛି ତାହା ହିଁ ସତ୍ୟ ଅଟେ । ଅର୍ଥାତ୍ ମୁଁ ହିଁ ଆପଣ ସ.ଅଙ୍କ ଚଚା ହ. ହମଜାଙ୍କୁ ଶହୀଦ୍ କରିଥିଲି ଆପଣ ସ.ଅ କହିଲେ, କ'ଣ ତୁମ ପାଇଁ ଏହା ସମ୍ଭବ ନୁହେଁ କି ତୁମେ ନିଜର ମୁଖ ମୋ ଠାରୁ ଲୁଚାଇ ନେବ ? ୱହ୍‌ଶି କୁହନ୍ତି ଯେ, ମୁଁ ଉକ୍ତ କଥା ଶୁଣି ସେଠାରୁ ବାହାରି ଆସିଲି । ଅର୍ଥାତ୍ ଆପଣ ସ.ଅଙ୍କ କହିବାର ତାତ୍ପର୍ଯ୍ୟ ଏହା ଥିଲା କି ହେ ୱହଶୀ ! ତୁମେ ମୋତେ ନିଜର ମୁଖମଣ୍ଡଳ ଦେଖାଅ ନାହିଁ । କାରଣ ମୋତେ ପୁନଃ ସେହି ସ୍ମୃତି ମନେ ପଡ଼ିଯିବ । ପୁନଶ୍ଚ ଯେତେବେଳେ ରସୁଲ୍ କରୀମ୍ ସ.ଅଙ୍କ ବିୟୋଗ ହେଲା ଏବଂ ମୁସୈଲମା କଜ୍ଜାବ୍ ବିଦ୍ରୋହ କଲା ସେତେବେଳେ ମୁଁ କହିଲି ମୁଁ ମୁସୈଲମା ଆଡ଼କୁ ଅବଶ୍ୟ ବାହାରିବି । କାରଣ ମୁଁ ତା'ର ସଂହାର କରିବି ଏବଂ ମୁଁ ହ. ହମ୍‌ଜା ର.ଅଙ୍କୁ ହତ୍ୟା କରିଥିବା ହେତୁ ମୋ ପାପର ପ୍ରାୟଶ୍ଚିତ୍ତ କରିବି । ୱହ୍‌ଶୀ କହିଲେ, ମୁଁ ମଧ୍ୟ ଲୋକମାନଙ୍କ ସହିତ ବାହାରିଲି। ଏହାପରେ ମୁସୈଲମା କଜ୍ଜାବ୍‌ର ଯେଉଁ ଅବସ୍ଥା ହେଲା ତାହା ଅତ୍ୟନ୍ତ ଶୋଚନୀୟ ଥିଲା । ଅର୍ଥାତ୍ ତା'କୁ ସଂହାର କରିଦିଆଗଲା । ମୁଁ ଦେଖିଲି ଯେ, ଜଣେ ବ୍ୟକ୍ତି କାନ୍ଥ ଫାଟକରେ ଛିଡ଼ା ହୋଇଛି । ଏପରି ପ୍ରତିତ ହେଉଛି ଯେପରିକି ଗହମ ବର୍ଣ୍ଣର ଏକ ଓଟ ଅଟେ ଓ କେଶ ବିକ୍ଷିପ୍ତ ଅଟେ । ଏହି ବ୍ୟକ୍ତି ମୁସୈଲମା ବିନ୍ କଜ୍ଜାବ୍ ଥିଲା ଯାହାକୁ ମୁଁ ସେଠାରେ ଛିଡ଼ା ହୋଇଥିବାର ଦେଖିଥିଲି । ୱହ୍‌ଶି କୁହନ୍ତି: "ମୁଁ ମୁସୈଲ୍‌ମାକୁ ଏକ ବର୍ଚ୍ଛା ପ୍ରହାର କଲି ଏବଂ ତା' ଛାତିର ମଧ୍ୟ ଭାଗରେ ମୁଁ ପ୍ରହାର କଲି । ଏପର୍ଯ୍ୟନ୍ତକି ବର୍ଚ୍ଛା ତା'ର ଉଭୟ ସ୍କନ୍ଧ ମଧ୍ୟ ଦେଇ ବାହାରିଗଲା। ଅନ୍‌ସାରମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ମୁସୈଲମା କଜ୍ଜାବ ଆଡ଼କୁ ଧାଇଁଲା ଏବଂ ମୁସୈଲ୍‌ମାର ମସ୍ତିଷ୍କ ଉପରେ ପ୍ରହାର କଲା । ଏହିପରି ଭାବରେ ମୁସୈଲ୍‌ମା କଜ୍ଜାବର ସଂହାର କରାଯାଇଥିଲା ।"**(ସହି ବୁଖାରୀ, କିତାବୁଲ୍ ମୁଗାଜି, ବାବ୍- କତ୍‌ଲି ହମଜତା ବିନ୍ ଅବ୍‌ଦୁଲ୍ ମୁତଲ୍ଲିବ୍, ହଦିସ୍ ନଂ-4072)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହିପରି ଭାବରେ ଆଉ ଜଣେ ଇସ୍‌ଲାମ୍ ଧର୍ମ ଗ୍ରହଣକାରୀ ବ୍ୟକ୍ତି ହେଉଛନ୍ତି ଅମ୍ର ବିନ୍ ହାଶିମ୍‌ଙ୍କ ଦାସୀ ସାରାହ୍ । ଏହି ମହିଳା ଜଣକ ମୁଗନ୍ନିୟାହ୍ ଥିଲା । ମକ୍କା ବିଜୟ ପୂର୍ବରୁ ଆପଣ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ଆପଣ ସ.ଅଙ୍କ ଠାରୁ କିଛି ଜିନିଷ ମାଗିଲା ଏବଂ ଦାରିଦ୍ର୍ୟତା ଓ ଅଭାବ ଅନଟନର ପରିପ୍ରକାଶ କଲା । ଆପଣ ସ.ଅ କହିଲେ, ହେ ସାରାହ୍ ! ତୁମର କବିତା ପାଠର କ'ଣ ହେଲା ? ତୁମେ ପୂର୍ବେ ବହୁତ ଗୀତ ଗାଉଥିଲ, ଅର୍ଥୋପାର୍ଜନ କରୁଥିଲ? ସାରାହ୍ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମକ୍କାର ଅଧିପତିମାନେ ଯେତେବେଳେ ବଦର୍ ଯୁଦ୍ଧରେ ନିହତ ହେଲେ ସେତେବେଳ ଠାରୁ ସାରାହ୍ ଗୀତ ଶୁଣିବା ବନ୍ଦ କରିଦେଇଛି । ଆପଣ ସ.ଅ ସାରାହ୍‌କୁ ଗୋଟିଏ ଓଟ ପ୍ରଦାନ କଲେ। ଏହାପରେ ସାରାହ୍ କୁରୈଶ୍‌ମାନଙ୍କ ପାଖକୁ ଚାଲି ଆସିଲା । ଇବ୍‌ନେ ଖତଲ୍ ସାରାହ୍‌କୁ ଆଁହଜରତ ସ.ଅଙ୍କ ବିରୁଦ୍ଧରେ ଏବଂ ଆପଣ ସ.ଅଙ୍କ ମର୍ଯ୍ୟାଦା ହାନୀ କରିବା ପାଇଁ ମର୍ଯ୍ୟାଦାହାନୀପୂର୍ଣ୍ଣ କବିତା କହୁଥିଲା, ସେହି କବିତାକୁ ଆୟୁଦ୍ଧ କରି ସାରାହ୍ ଆଁହଜରତ ସ.ଅଙ୍କୁ ଗାଳି ଦେଉଥିଲା । ସାରାହ୍ ପୁରସ୍କାର ପ୍ରାପ୍ତ କରିବା ସତ୍ତ୍ୱେ ମଧ୍ୟ ନିଜର ପ୍ରକୃତି ଛାଡ଼ିଲା ନାହିଁ । ସାରାହ୍ ହେଉଛି ସେହି ମହିଳା ଯାହା ପାଖରେ ହ. ହାତିବ୍‌ଙ୍କ ପତ୍ର ପ୍ରାପ୍ତ ହୋଇଥିଲା । ସାରାହ୍ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲା ଏବଂ ହ. ଉମର୍ ର.ଅଙ୍କ ଶାସନକାଳ ପର୍ଯ୍ୟନ୍ତ ଜୀବିତ ରହିଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଇବ୍‌ନେ ଖତଲ୍‌ର ଆଉ ଜଣେ ଦାସୀ ରହିଥିଲା ଯାହାର ନାମ ଫର୍ତନା ଥିଲା । ଏହି ଦାସୀ ମଧ୍ୟ ଆଁହଜରତ ସ.ଅଙ୍କ ମର୍ଯ୍ୟାଦାହାନୀ କରୁଥିବା କବିତା କହୁଥିଲା । ଫର୍ତନା ମଧ୍ୟ ଇସ୍‌ଲାମ ଧର୍ମ ସ୍ୱୀକାର

କରିଥିଲା ।

**(ସବ୍ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-225, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. ହାରିସ୍ ବିନ୍ ହିଶ୍ଶାମ୍ ର.ଅଙ୍କ ଇସ୍ଲାମ୍ ଧର୍ମ ସ୍ୱୀକାର କରିବା ସଂପର୍କରେ ଉଲ୍ଲେଖ ରହିଛି ଯେ, ଆପଣ ମକ୍କାର ଲୋକପ୍ରିୟ ଅଧିପତି ଥିଲେ ଓ ଅବୁ ଜହଲ୍ ପଟୁ ଭାଇ ଥିଲେ । ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ଭଉଣୀ ହ. ହାରିସ୍ ବିନ୍ ହିଶ୍ଶାମ୍ଙ୍କର ପତ୍ନି ଥିଲେ । ମକ୍କା ବିଜୟ ଅବସରରେ ହ. ହାରିସ୍ ବିନ୍ ହିଶ୍ଶାମ୍ ଏବଂ ଅବଦ୍ଦୁଲ୍ଲାଃ ବିନ୍ ଅବି ରବିୟାହ ହ. ଉମ୍ମେ ହାନିଙ୍କ ଘରେ ପଶିଗଲେ । କାରଣ ହ. ଅଲୀ ର.ଅ ଏମାନଙ୍କୁ ସଂହାର କରିବା ନିମନ୍ତେ ଏମାନଙ୍କ ପଛେ ପଛେ ଧାଇଁ ଆସିଥିଲେ । ହ. ଉମ୍ମେ ହାନୀ ର.ଅ ଏହି ଦୁଇ ଜଣଙ୍କୁ ନିଜ ଘରେ ଲୁଚାଇ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଏହି ଦୁଇ ଜଣଙ୍କୁ ଶରଣ ଦେଇଅଛି । ପ୍ରତ୍ୟୁତ୍ତରର ଆଁହଜରତ ସ.ଅ ହ. ଉମ୍ମେ ହାନୀ ର.ଅଙ୍କୁ କହିଲେ, ହେ ଉମ୍ମେ ହାନୀ ! ତୁମେ ଯେଉଁମାନଙ୍କୁ ଶରଣ ଦେଇଛ ଆମେ ମଧ୍ୟ ସେମାନଙ୍କୁ ଶରଣ ଦେଉଛୁ ।

**(ସିରତୁଲ୍ ହଲବିୟାହ୍, ପୃ-133-134, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ହାରିସ୍ ବିନ୍ ହିଶ୍ଶାମ୍ ବର୍ଣ୍ଣନା କରନ୍ତି ଯେ, ଆମେ ଦୁଇ ଦିନ ପର୍ଯ୍ୟନ୍ତ ଉମ୍ମେ ହାନୀଙ୍କ ଘରେ ଅବସ୍ଥାନ କଲୁ । ପୁନଶ୍ଚ ଆମେମାନେ ନିଜ ଘରକୁ ଚାଲିଗଲୁ । ଆମେମାନେ  ପ୍ରାଙ୍ଗଣରେ ବସିଥିଲୁ । କେହି ଆମ ପ୍ରସଙ୍ଗରେ ହସ୍ତକ୍ଷେପ କରୁ ନଥିଲା । ଆମକୁ ହ. ଉମର୍ ର.ଅଙ୍କ ଠାରୁ ଭୟ ଲାଗୁଥିଲା । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଚଦର୍ ଘୋଡ଼ାଇ ହୋଇ ନିଜ ଦୁଆର ସମ୍ମୁଖରେ ବସିଥିଲି । ସେତେବେଳେ ହ. ଉମର୍ ର.ଅ ସହସା ଚାଲି ଆସିଲେ । ତାଙ୍କ ସହିତ କିଛି ମୁସଲମାନମାନେ ମଧ୍ୟ ଥିଲେ । ସେ ସଲାମ୍ କଲେ ଏବଂ ଆଗକୁ ଅଗ୍ରସର ହେଲେ । ହାରିସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୋତେ ବହୁତ ଲାଜ ଲାଗୁଥିଲା ଯେ, ରସୁଲୁଲ୍ଲାଃ ସ.ଅ ମୋତେ ଦେଖିବେ । କାରଣ ଆପଣ ସ.ଅ ମୋତେ ପ୍ରତ୍ୟେକ ସ୍ଥାନରେ ଅବିଶ୍ୱାସକାରୀମାନଙ୍କ ସହିତ ଦେଖିଥିଲେ । ପୁନଶ୍ଚ ମୋତେ ଆପଣ ସ.ଅଙ୍କ ପୁଣ୍ୟ, ଦୟା, କରୁଣା ତଥା ସଂପର୍କୀୟଙ୍କ ପ୍ରତି ଥିବା ଆନ୍ତରୀକତା ମନେ ପଡ଼ିଗଲା । ମୁଁ ଆପଣ ସ.ଅଙ୍କୁ ସହିତ ସାକ୍ଷାତ୍ କଲି । ଆପଣ ସ.ଅ ସେତେବେଳେ ମସ୍ଜିଦେ ହରାମ୍ ଭିତରେ ପ୍ରବେଶ କରୁଥିଲେ । ଆପଣ ସ.ଅ ମୋ ପ୍ରତି ସ୍ମିତହାସ୍ୟ ପ୍ରକାଶ୍ୟ କଲେ । ମୁଁ ଆପଣ ସ.ଅଙ୍କୁ ସଲାମ୍ କଲି ଏବଂ କଲ୍ମା ଶାହାଦତ୍ ପାଠ କଲି । ଆପଣ ସ.ଅ କହିଲେ, ସକଳ ପ୍ରଶଂସା ଅଲ୍ଲାଃତାଲାଙ୍କ ନିମନ୍ତେ ଉଦ୍ଦିଷ୍ଟ ଯିଏ ତୁମକୁ ସତ୍ମାର୍ଗ ପ୍ରଦାନ କରିଛି । ତୁମ ପରି ଜଣେ ମଣିଷ ଇସ୍ଲାମ୍ ଧର୍ମ ଠାରୁ କିପରି ଦୂରେଇ ରହିପାରିବ ? ହାରିସ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଦେଖିନେଲି ଯେ, ମୁଁ ଇସ୍ଲାମ୍ ଧର୍ମ ଠାରୁ ଦୂରେଇ ରହି ପାରିବି ନାହିଁ । **(ସିରତୁଲ୍ ହଲବିୟାହ୍, ବାବ୍- ଜିକ୍ରୁ ମୁଗାଜିୟାହ୍, ଭାଗ-3, ପୃ-133-134, 146, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍) (ଇମ୍ତାଅଲ୍ ଅସ୍ମା, ଭାଗ-1, ପୃ-389, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍) (ସବ୍ଲୁଲ୍ ହୁଦାର ଅନୁବାଦକ ଭାଗ-5, ପୃ-250, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍) (ଉସ୍ଦୁଲ୍ ଗାବା, ଭାଗ-1, ପୃ-644-645, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ସେହିପରି ସୁହୈଲ୍ ବିନ୍ ଅମ୍ରଙ୍କ ଇସ୍ଲାମ୍ ଧର୍ମ ସ୍ୱୀକାର କରିବାର ଘଟଣା ରହିଛି । ସେ ମଧ୍ୟ ମକ୍କାର ଅଧିପତି ଥିଲା ଏବଂ ସେ ହେଉଛି ସେହି ବ୍ୟକ୍ତି ଯିଏ ସୁଲାହ୍ ହୁଦୈବିୟାହ୍ ଠାରୁ ଚୁକ୍ତ କରିବା ନିମନ୍ତେ କୁରୈଶମାନଙ୍କ ପକ୍ଷରୁ ପ୍ରତିନିଧି ହୋଇ ଆସିଥିଲା । ସୁହୈଲ୍ ବିନ୍ ଅମ୍ର ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ଆପଣ ସ.ଅ ମକ୍କାରେ ପ୍ରବେଶ କଲେ ଏବଂ ଜୟଯୁକ୍ତ ହୋଇଗଲେ ସେତେବେଳେ ମୁଁ ନିଜ ଘର ଭିତରେ ପ୍ରବେଶ କଲି, ମୁଁ ନିଜ ଘରର ଦ୍ୱାର ବନ୍ଦ କରିଦେଲି । ମୁଁ ନିଜର ସୁପୁତ୍ର ଅବ୍ଦୁଲ୍ଲାଃକୁ ଆପଣ ସ.ଅଙ୍କ ସେବାରେ ପ୍ରେରଣ କଲି । କାରଣ ସେ ମୁହମ୍ମଦ ସ.ଅଙ୍କ ସହିତ ମୋ ପାଇଁ ଶରଣଭିକ୍ଷା କରନ୍ତୁ। ମୁଁ ଡରୁଥିଲି ଯେ, ମୋର ସଂହାର ନ କରିଦିଆଯାଉ । ହ. ଅବ୍ଦୁଲ୍ଲାଃ ଆପଣଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋ ପିତାଶ୍ରୀ ଆପଣ ସ.ଅଙ୍କ ଠାରୁ ଶରଣଭିକ୍ଷା ମାଗୁଛନ୍ତି । ମକ୍କାବାସୀଙ୍କୁ ତ' ସର୍ବସାଧାରଣ କ୍ଷମା ଓ ସୁରକ୍ଷାର ଆଶ୍ୱାସନା ଦିଆଯାଇ ସାରିଛି । ବାସ୍ତବରେ ସେ ଅର୍ଥାତ୍ ସୁହୈଲ୍ ବିନ୍ ଅମ୍ର ହେଉଛନ୍ତି ସେହି ଅବିଶ୍ୱାସକାରୀଙ୍କ ମୁଖ୍ୟ ଅଧକ୍ଷ ଏବଂ ଆପଣ ଆଁହଜରତ୍ ସ.ଅଙ୍କ ଏତେ ବିରୋଧୀ ଥିଲେ ଯେ, ସେ ନିଜକୁ ସନ୍ତୁଷ୍ଟ ଅନୁଭବ କରୁ ନଥିଲେ ଯେ, ସେ ସୁରକ୍ଷିତ ରହିବେ । ନିଜର ଅଶିକ୍ଷିତମୂଳକ ଚିନ୍ତାଧାରା ଯୋଗୁଁ ତାଙ୍କ ମନରେ ଏହି ଦ୍ୱନ୍ଦ୍ୱ ଓ ଭୟ ସର୍ବଦା ଲାଗି ରହିଥିଲା ଯେ, ତାଙ୍କ ଠାରୁ ପ୍ରତିଶୋଧ ନିଆଯିବ ଓ ତାଙ୍କର ସଂହାର କରି ଦିଆଯିବ । ତେଣୁ ସେ ନିଜର ପୁତ୍ରଙ୍କୁ ପୁଣିଥରେ ଆଁହଜରତ ସ.ଅଙ୍କ ସେବାରେ ପ୍ରେରଣ କଲେ । ଆପଣ ସ.ଅ କହିଲେ, ଠିକ୍ ଅଛି ସୁହୈଲ୍ ବିନ୍ ଅମ୍ର ଅଲ୍ଲାଃତାଲାଙ୍କ ସୁରକ୍ଷା ବଳୟ ମଧ୍ୟରେ  ରହିଛି । ସୁହୈଲ୍ ବିନ୍ ଅମ୍ର ସମ୍ମୁଖକୁ ଆସିଲେ। ଅର୍ଥାତ୍ ସ୍ୱାଧୀନ ଭାବରେ ବାହାରେ ବିଚରଣ କରିପାରିବେ ବୋଲି ବାହାରକୁ ଆସିଲେ । ରସୁଲ୍ କରୀମ୍ ସ.ଅ ନିଜ ଚାରିପଟେ ବସିଥିବା ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ! ଯେଉଁ ବ୍ୟକ୍ତି ସୁହୈଲଙ୍କୁ ଭେଟିବ ସେହି ବ୍ୟକ୍ତି ସୁହୈଲଙ୍କୁ ବାଙ୍କ ଚାହାଣୀ ଓ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁବ ନାହିଁ । ସୁହୈଲ୍ଙ୍କ ପରି ବୁଦ୍ଧିମାନ ଏବଂ ଶିଷ୍ଟ ବ୍ୟକ୍ତି ଇସ୍ଲାମ୍ ଧର୍ମ ଠାରୁ ଅଧିକ ସମୟ ପର୍ଯ୍ୟନ୍ତ ଦୂରେଇ ରହି ପାରିବ ନାହିଁ । ସୁହୈଲ୍ ସତ୍ୟକୁ ଦେଖି ନେଇଛି । ଅର୍ଥାତ୍ ସୁହୈଲ୍ ପୂର୍ବେ ଯେଉଁ ଅବସ୍ଥାରେ ଥିଲା ଅର୍ଥାତ ଅବିଶ୍ୱାସକାରୀ ଅବସ୍ଥାରେ ରହିଛି ତାହା ତା' ନିମନ୍ତେ ଲାଭଦାୟକ ନଥିଲା। ହ. ଅବ୍ଦୁଲ୍ଲାଃ ନିଜର ପିତାଶ୍ରୀଙ୍କ ପାଖକୁ ଗଲେ ଏବଂ ତାଙ୍କୁ ରସୁଲୁଲ୍ଲାଃ ସ.ଅଙ୍କ ଏହି ଆଦେଶ ସଂପର୍କରେ ଯେତେବେଳେ ସୂଚନା ପ୍ରଦାନ କଲେ ସେତେବେଳେ ସୁହୈଲ୍ କହିଲେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ଆପଣ ସ.ଅ ବାଲ୍ୟକାଳରେ ମଧ୍ୟ ଉପକାର ସାଧନକାରୀ ଥିଲେ ଏବଂ ଏହି ସମୟରେ (ବର୍ତ୍ତମାନ) ମଧ୍ୟ ଆପଣ ସ.ଅ ଉପକାର ସାଧନକାରୀ ବ୍ୟକ୍ତି ଅଟନ୍ତି । ହୁଜୁର ଅନ୍ୱର୍ ଅ.ବ କହଲେ, ହ. ସୁହୈଲ୍ ଶାନ୍ତିପୂର୍ଣ୍ଣ ଏବଂ ସୁରକ୍ଷିତ ରୂପେ ଯିବା ଆସିବା କରୁଥିଲେ । ହୁନୈନ୍ ଯୁଦ୍ଧରେ ଆପଣ ସ.ଅଙ୍କ ସହିତ ଅବିଶ୍ୱାସକାରୀ ହେବା ଅବସ୍ଥାରେ ସାମିଲ୍ ହୋଇଥିଲେ । ହୁନୈନ୍ ଯୁଦ୍ଧରେ ଆପଣ ସାମିଲ୍ ହେଲେ କିନ୍ତୁ ଆପଣ ସେତେବେଳ ପର୍ଯ୍ୟନ୍ତ ଇସ୍ଲାମ୍ ଧର୍ମ ସ୍ୱୀକାର କରି ନଥିଲେ । ହୁନୈନ୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ (ଫେରିବା) ସମୟରେ ଜିରାନା ନାମକ ସ୍ଥାନରେ ଇସ୍ଲାମ୍ ଧର୍ମ ସ୍ୱୀକାର କରିନେଲେ । ଜିରାନା ମକ୍କା ଠାରୁ 27 କି.ମି ଦୂରରେ ଅବସ୍ଥିତ ଏକ ସ୍ଥାନ ଅଟେ । ଏହା କୁହାଯାଏ ଯେ, ତାଏଫ୍ ମାର୍ଗରେ ଏକ କୂପ ରହିଛି । **(ସିରତୁଲ୍ ହଲବିୟାହ୍, ବାବ୍- ଜିକ୍ରୁ ମୁଗାଜିୟାହ୍, ଭାଗ-3, ପୃ-146, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍) (ଇମ୍ତାଅଲ୍ ଅସ୍ମା, ଭାଗ-13, ପୃ-386, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍)(ଜୀବନୀ ଶବ୍ଦକୋଷ, ପୃ-88, ଜୱାର୍ ଏକାଡ଼େମୀ, କରାଚୀ)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଇସ୍ଲାମ୍ ଧର୍ମ ସ୍ୱୀକାର କରିବା ପରେ ସୁହୈଲ୍ଙ୍କ ମଧ୍ୟରେ ଆଶ୍ଚର୍ଯ୍ୟଜନକ ଭାବରେ ଏକ ବିପ୍ଳବ ତଥା ପରିବର୍ତ୍ତନ ସୃଷ୍ଟି ହୋଇଯାଇଥିଲା। ଏହା ଉଲ୍ଲେଖ କରାଯାଇଛି ଯେ, ମକ୍କା ବିଜୟ ଅବସରରେ ମକ୍କାର ଅଧିପତିମାନଙ୍କ ମଧ୍ୟରୁ ଇସ୍ଲାମ୍ ଧର୍ମ ସ୍ୱୀକାରକାରୀଙ୍କ ମଧ୍ୟରେ ସୁହୈଲ୍ ଅନ୍ୟତମ ଥିଲେ । କୁରୈଶ୍ମାନଙ୍କର ଅଧିପତିମାନଙ୍କ ମଧ୍ୟରେ ଯେଉଁ ଅଧିପତି ଇସ୍ଲାମ୍ ଧର୍ମ ସ୍ୱୀକାର କରିଥିଲେ ଏବଂ ସର୍ବାଧିକ ରୂପେ ନମାଜ ଓ ରୋଜାର ନିୟମାନୁବର୍ତ୍ତୀ, ସଦ୍କା ପ୍ରଦାନକାରୀ ଥିଲେ ସେହି ଅଧିପତିଙ୍କ ମଧ୍ୟରେ ହ. ସୁହୈଲ୍ ର.ଅଙ୍କ ବ୍ୟତୀତ ଅନ୍ୟ କୌଣସି ଅଧିପତି ରୋଜାର ନିୟମାନୁବର୍ତ୍ତୀ, ସଦ୍କା ପ୍ରଦାନକାରୀ ନଥିଲା । ହ. ସୁହୈଲ୍ ଈଶ୍ୱରଙ୍କ ନିକଟରେ ଅତି କାକୁତି ମିନତୀ ହୋଇ ରୋଦାନ ଓ ବିଳାପ କରୁଥିଲେ । ହ. ସୁହୈଲ୍ ର.ଅ ଅନେକ ସମୟରେ ଯେତେବେଳେ ପବିତ୍ର କୁରଆନ୍ କରୀମ୍ ପାଠ କୁରଥିଲେ ସେତେବେଳେ ଆପଣ ବହୁତ କାନ୍ଦୁଥିଲେ ।

**(ଉସ୍ଦୁଲ୍ ଗାବା, ଭାଗ-2, ପୃ-586, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. ଅବୁ ବକ୍କର୍ ସିଦ୍ଦିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହଜ୍ଜତୁଲ୍ ୱିଦା (ଆଁହଜରତ ସ.ଅଙ୍କ ପ୍ରଥମ ଓ ଶେଷ ହଜ୍)ରେ ମୁଁ ଦେଖିଛି ଯେ, ସୁହୈଲ୍ ବିନ୍ ଅମ୍ର ଜେବହ୍ ସ୍ଥାନରେ ଛିଡ଼ା ହୋଇଛନ୍ତି ଏବଂ ଆପଣ ସ.ଅ କୁର୍ବାନୀର ଜୀବମାନେ ଆଁହଜରତ ସ.ଅଙ୍କ ପାଖକୁ ଆସିଲେ । ରସୁଲୁଲ୍ଲାଃ ସ.ଅ ନିଜର ହସ୍ତ ଦ୍ୱାରା ସେହି ଜୀବକୁ ଜେବହ୍ କଲେ ।  ପୁନଶ୍ଚ କେଶ୍ ମୁଣ୍ଡନକାରୀ ବ୍ୟକ୍ତିକୁ ଡ଼କାଇଲେ ଏବଂ ନିଜର କେଶ ମୁଣ୍ଡନ କଲେ । ହ. ଅବୁ ବକ୍କର୍ ର.ଅ କହିଲେ, ମୁଁ ସୁହୈଲ୍ ର.ଅଙ୍କୁ ଦେଖିଛି ଯେ, ସେ ଆଁହଜରତ ସ.ଅଙ୍କ ପବିତ୍ର କେଶକୁ ନିଜ ଆଖିରେ ସ୍ପର୍ଶ କରାଉଥିଲେ । ଆଁହଜରତ ସ.ଅ ଯେଉଁ କେଶ ମୁଣ୍ଡନ କରୁଥିଲେ ସେହି ପବିତ୍ର କେଶ ଯେତେବେଳେ ହ. ସୁହୈଲ୍ଙ୍କ ହାତକୁ ଆସିଲା ସେତେବେଳେ ସେ ସେହି କେଶକୁ ନିଜ ଚକ୍ଷୁ ଦ୍ୱାରା ସ୍ପର୍ଶ କଲେ । ହ. ଅବୁ ବକ୍କର ର.ଅ କହିଲେ, ସେତେବେଳେ ମୋତେ ଏହା ମନେପଡ଼ିଗଲା ଯେ, ଏହି ସୁହୈଲ ସୁଲାହ୍ ହୁଦୈବିୟାହ ସମୟରେ ଆଁହଜରତ୍ ସ.ଅଙ୍କୁ بسم الله الرحمن الرحيم ଲେଖିବାରୁ ଅଟକାଉଥିଲା । ଦିନ ଥିଲା ଏହି ସୁହୈଲ୍ ମୁହମ୍ମଦ ସ.ଅଙ୍କ ଶବ୍ଦ ସହିତ ରସୁଲୁଲ୍ଲାଃ ସ.ଅ ଲେଖିବାକୁ ଆପତ୍ତି ପ୍ରକାଶ କରିଥିଲା । ଯେପର୍ଯ୍ୟନ୍ତ ଚୁକ୍ତିନାମାରୁ ରସୁଲୁଲ୍ଲାଃ ସ.ଅଙ୍କ ଶବ୍ଦ ଲିଭାଇ ଦିଆଯାଇ ନାହିଁ ସେପର୍ଯ୍ୟନ୍ତ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍ସଲନାକା ଇଲ୍ଲା ରହ୍ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan ,
Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍ରା ହତ୍ତା ତୁନ୍ଫିକୁ ମିମ୍ମା ତୁହିବ୍ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat
Ahmadiya Kerang, Darul Barkat (Odisha)

ସୁହେଲ୍ ଚୁକ୍ତିନାମା ଲେଖିବା ଆରମ୍ଭ କରି ନଥିଲା । କିନ୍ତୁ ଯେତେବେଳେ ଆଁହଜରତ ସ.ଅ ରସୁଲୁଲ୍ଲାଃ ସ.ଅ ଲିଭାଇ ଦେଲେ ସେତେବେଳେ ସୁହେଲ୍ ଚୁକ୍ତିନାମା ଲେଖିବା ଆରମ୍ଭ କଲା । ହ. ଅବୁ ବକ୍କର୍ ର.ଅ କୁହନ୍ତି ଯେ, ମୁଁ ଅଲ୍ଲାଃତାଲାଙ୍କ ପ୍ରଶଂସା ଗାନ କଲି । କାରଣ ଅଲ୍ଲାଃତାଲା ସୁହେଲଙ୍କୁ ଇସ୍‌ଲାମ୍ ଧର୍ମ ଆଡ଼କୁ ମାର୍ଗଦର୍ଶନ ପ୍ରଦାନ କଲେ ଏବଂ ପୁନଶ୍ଚ ଅଲ୍ଲାଃତାଲା ଯେତେବେଳେ ସୁହେଲ୍‌ଙ୍କୁ ସତ୍‌ମାର୍ଗ ପ୍ରଦାନ କଲେ ସେତେବେଳେ ସୁହେଲ୍ ନିଷ୍ଠା ଓ ବିଶ୍ୱସ୍ତତାରେ ବେଶ୍ ଅଗ୍ରଗତି ମଧ କଲା । **(ସବ୍‌ଲୁଲ୍ ହୁଦାର ଅନୁବାଦକ ଭାଗ-5, ପୃ-64, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ,ସୁହେଲ୍ ବିନ୍ ଅମ୍ରଙ୍କ ଆଉ ଏକ କୃତିତ୍ୱ ସଂପର୍କରେ ବର୍ଣ୍ଣନା କରାଯାଏ । ସୁହେଲ୍ କୁରୈଶ୍‌ମାନଙ୍କର ଜଣେ ବଳିଷ୍ଠ ବକ୍ତା ଥିଲେ । ସୁହେଲ୍ ବଦର୍ ଯୁଦ୍ଧରେ ଅବିଶ୍ୱାସାକାରୀ ହେବା ଅବସ୍ଥାରେ ମୁସଲମାନମାନଙ୍କ ଦ୍ୱାରା ବନ୍ଦୀ ହୋଇଥିଲେ । ସୁହେଲ୍ ନିଜ ଓଠରେ ଏକ ଚିହ୍ନ ତିଆରି କରିଥିଲେ । ଇତ୍ୟବସରରେ ହ. ଉମର୍ ର.ଅ ରସୁଲୁଲ୍ଲାଃ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସୁହେଲ୍‌ର ସମ୍ମୁଖବର୍ତ୍ତୀ ଦୁଇଟି ଦାନ୍ତ ବାହାର କରି ଦିଅନ୍ତୁ ଯେଉଁଠି ସେ ଚିହ୍ନ ତିଆରି କରିଛନ୍ତି । ସୁହେଲ୍ କେବେ ବି ଆପଣ ସ.ଅଙ୍କ ବିରୁଦ୍ଧରେ ଉଦ୍‌ବୋଧନ ଦେବା ନିମନ୍ତେ ଛିଡ଼ା ହୋଇପାରିବ ନାହିଁ । ତା'ର ଦାନ୍ତ କାଢି ଦିଅନ୍ତୁ । ତା ପାଟିରେ ନା ଦାନ୍ତ ରହିବ ଓ ନା ହିଁ ସେ ଠିକ୍ ସେ କିଛି କଥା କହିପାରିବ । ଆପଣ ସ.ଅ କହିଲେ, ହେ ଉମର୍ ! ସୁହେଲ୍‌କୁ ଛାଡ଼ିଦିଅ । ସେହି ସମୟଟି ଖୁବ୍ ନିକଟବର୍ତ୍ତୀ ଯେତେବେଳେ ସୁହେଲ୍ ଏପରି ଏକ ସ୍ଥାନରେ ଛିଡ଼ ହେବ ସେତେବେଳେ ତୁମେ ତା'ର ପ୍ରଶଂସା କରିବ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଉମର୍ ର.ଅ ସୁହେଲ୍‌କୁ ଶାସ୍ତି ଦେବା ପାଇଁ ଆଁହଜରତ ସ.ଅଙ୍କୁ ନିବେଦନ କରୁଥିଲେ । ଆଁହଜରତ ସ.ଅ କହିଲେ, ନା ନା, କିଛି ଶାସ୍ତି କଥା କହିବ ନାହିଁ । ଦିନ ଆସିବ ଯେତେବେଳେ ସୁହେଲ୍ ସେହି ମର୍ଯ୍ୟାଦାରେ ଛିଡ଼ା ହେବ ଏବଂ ସେ ଏପରି ଏପରି କଥା କହିବ ଯେଉଁ କଥାକୁ ଶୁଣି ତୁମେ ତା'ର ପ୍ରଶଂସା କରିବ । ସେ ଯାହା ହେଉ ହ. ଉମର୍ ର.ଅ କୁହନ୍ତି ଯେ, ଏହି ମର୍ଯ୍ୟାଦା ସେତେବେଳେ ଆସିବ (ପ୍ରାପ୍ତ ହେଲା) ଯେତେବେଳେ ରସୁଲୁଲ୍ଲାଃ ସ.ଅଙ୍କ ବିୟୋଗ ହୋଇଥିଲା, ଲୋକମାନେ ସେତେବେଳେ ବିଚଳିତ ହୋଇଯାଇଥିଲେ । କୁରୈଶ୍‌ମାନେ ଯେତେବେଳେ ମକ୍କାବାସୀଙ୍କୁ ବିଧର୍ମୀ ଥିବାର ଦେଖିଲେ ଏବଂ ଏପରି ଶୋଚନୀୟ ଅବସ୍ଥା ହୋଇଯାଇଥିଲା ଯେ, ହ. ଅତ୍ତାବ୍ ବିନ୍ ଅସିଦ୍ ଉମୁୱି ଯେକି ନବୀ କରୀମ୍ ସ.ଅଙ୍କ ପକ୍ଷରୁ ମକ୍କାବାସୀଙ୍କ ଅମୀର ରୂପେ ନିଯୁକ୍ତ ହୋଇଥିଲେ, ସେ ଲୁଚିଗଲେ । ସେତେବେଳେ ହ. ସୁହେଲ୍ ବିନ୍ ଅମ୍ର ଉଦ୍‌ବୋଧନ ଦେବା ନିମନ୍ତେ ଛିଡ଼ା ହେଲେ ଏବଂ କହିଲେ, ହେ କୁରୈଶ୍‌ମାନଙ୍କ ଗୋଷ୍ଠୀ ! ପରିଶେଷରେ ତୁମେମାନେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲେ । ତେଣୁ ତୁମେମାନେ ସର୍ବପ୍ରଥମେ ବିଧର୍ମୀତା (ଧର୍ମଦ୍ରୋହୀ ପନ୍ଥା) ଅବଲମ୍ବନକାରୀ ହୋଇଯିବ ନାହିଁ । ମୁଁ ଈଶ୍ୱରଙ୍କ ରାଣ ଖାଇ କହୁଛି ଯେ, ଯେପରି ସୂର୍ଯ୍ୟ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଆକାଶରେ ଥାଆନ୍ତି ଠିକ୍ ସେହିପର ଇସ୍‌ଲାମ୍ ଧର୍ମ ସୂର୍ଯ୍ୟଙ୍କ ପରି ପରିବ୍ୟାପ୍ତ ଓ ସଂପ୍ରସାରିତ ହୋଇଯିବ । ଏହିପରି ଭାବରେ ସୁହେଲ୍ ଏକ ଦୀର୍ଘ ଉଦ୍‌ବୋଧନ ଦେଲା । ସୁତରାଂ ସୁହେଲ୍‌ର ଉକ୍ତ ଭାଷଣ ମକ୍କାବାସୀଙ୍କ ମନରେ ଏକ ଗଭୀର ପ୍ରଭାବ ପକାଇଲା ଏବଂ ସେ (ସୁହେଲ୍) ଅଟକିଗଲେ । ହ. ଅତ୍ତାବ୍ ବିନ୍ ଅସିଦ୍ ଲୁଚି ଯାଇଥିଲେ । ତାଙ୍କୁ ଡକାଗଲା ଏବଂ କୁରୈଶ୍‌ମାନେ ଇସଲାମ୍ ଧର୍ମ ଉପରେ ଅବିଚଳତା ପ୍ରଦର୍ଶନ କଲେ ।

**(ଉସ୍‌ଦୁଲ୍ ଗାବା, ଭାଗ-2, ପୃ-585, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ କହିଲେ, ପୁନଶ୍ଚ ଉତ୍‌ବା ଓ ମୁଅତ୍ତିବ୍‌ର ଇସଲାମ୍ ଧର୍ମ ସ୍ୱୀକାର ସଂପର୍କରେ ଉଲ୍ଲେଖ ରହିଛି ଯେ, ହ. ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି: "ଯେତେବେଳେ ମକ୍କା ବିଜୟ ହେଲା ଏବଂ ଆଁହଜରତ ସ.ଅ ମକ୍କା ବିଜୟ ଦିନ ଯେତେବେଳେ ମକ୍କା ଆସିଲେ ସେତେବେଳେ ଆପଣ ସ.ଅ ମୋତେ କହିଲେ, ହେ ଅବ୍‌ବାସ୍ ! ତୁମର ପୁତୁରା ଅର୍ଥାତ୍ ଅବୁ ଲହବ୍‌ର ପୁତ୍ର ଉତ୍‌ବା ଏବଂ ମୁଅତ୍ତିବ୍ କେଉଁଠି ଅଛନ୍ତି ? ଆଁହଜରତ ସ.ଅ କହିଲେ, ମୁଁ ସେମାନଙ୍କୁ ଦେଖି ନାହିଁ ? ହ. ଅବବାସ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେମାନେ ଅନ୍ୟ ଅବିଶ୍ୱାସକାରୀଙ୍କ ପରି ସଂପର୍କ ଛିନ୍ନ କରି ନେଇଥିଲେ । ଆପଣ ସ.ଅ କହିଲେ, ହେ ଅବ୍‌ବାସ୍ ! ତୁମେ ସେମାନଙ୍କୁ ମୋ ପାଖକୁ ଧରିଆଣ । ହ. ଅବ୍‌ବାସ୍ ର.ଅ ଓଟ କିମ୍ବା ଅଶ୍ୱ ଉପରେ ଆରୋହଣ ହୋଇ ଉର୍ନା ନମାକ ସ୍ଥାନକୁ ଗଲେ । ଏହି ସ୍ଥାନ ଅରଫାତ୍ ନିକଟବର୍ତ୍ତୀ ଏକ ଉପତ୍ୟକା ଅଟେ ଏବଂ ହ. ଅବ୍‌ବାସ୍ ର.ଅ ସେମାନଙ୍କୁ ଧରି ଆଁହଜରତ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ କଲେ । ଆପଣ ସ.ଅ ସେମାନଙ୍କୁ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ନିମନ୍ତେ ନିମନ୍ତ୍ରଣ ଦେଲେ । ସେମାନେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲେ ଏବଂ ଦୁହେଁ ବୈଅତ୍ କରି ନେଲେ । ପୁନଶ୍ଚ ଆପଣ ସ.ଅ ଛିଡ଼ା ହେଲେ ଏବଂ ସେମାନଙ୍କର ହାତ ଧରିଲେ ଓ ସେମାନଙ୍କୁ ମୁଲ୍‌ତଜିମ୍ ଠାକୁ ନେଇ ଆସିଲେ । ମୁଲ୍‌ତଜିମ୍ ହଜ୍‌ରେ ଅସ୍‌ୱଦ୍ ଏବଂ ଖାନା କାଆବାର ଦ୍ୱାର ମଧ୍ୟବର୍ତ୍ତୀ ସ୍ଥାନରେ ବୈତୁଲ୍ଲାଃର ପ୍ରାଚୀର (କାନ୍ଥ)ର ଭାଗ ଅଟେ । ଏହା ସହିତ ସଂଲଗ୍ନ (କୁଣ୍ଢାଇ ହୋଇ) ଦୁଆ କରିବାକୁ ଲାଗିଲେ । ମୁଲ୍‌ତଜିମ୍ ହେଉଛି ଦୁଆ ସ୍ୱୀକୃତ ହେବାର ବିଶେଷ ସ୍ଥାନ ଏବଂ ଏଠାରେ ଦୁଆ ସ୍ୱୀକୃତ ହୋଇଥାଏ। ଆପଣ ସ.ଅ କିଛି ସମୟ ପର୍ଯ୍ୟନ୍ତ ଦୁଆ କଲେ ଏବଂ ପୁନଃ ଫେରି ଆସିଲେ । ଆପଣ ସ.ଅଙ୍କ ମୁଖମଣ୍ଡଳରେ ପ୍ରସନ୍ନତା ଭାବ ପରିସ୍ଫୁଟିତ ହେଉଥିଲା। ଅର୍ଥାତ୍ ଅତୀବ ଦର୍ଶନୀୟ ରୂପେ ଦୃଶ୍ୟମାନ ହେଉଥିନଲା । ହ. ଅବ୍‌ବାସ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ନିଜ ଚଚାଙ୍କ ଏହି ଦୁଇ ପୁତ୍ରକୁ ନିଜର ପାଳନ କର୍ତ୍ତାଙ୍କ ଠାରୁ ମାଗିଥିଲି । ତେଣୁ ମୋର ପାଳନ କର୍ତ୍ତା ମୋତେ ଏହି ଦୁଇ ଜଣ ପ୍ରଦାନ କରିଦେଲେ ।"**(ସବ୍‌ଲୁଲ୍ ହୁଦାର ଅନୁବାଦକ ଭାଗ-5, ପୃ-250, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)(ଜୀବନୀ ଶବ୍ଦକୋଷ, ପୃ-88, ଜୱାର୍ ଏକାଡ଼େମୀ, କରାଚୀ)**

ହୁଜୁର ଅନୱର୍ ଅ.ବ କହିଲେ, ପୁନଶ୍ଚ ସଫୱାନ୍ ବିନ୍ ଉମୈୟାହର ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାର ଘଟଣା ରହିଛି । ସଫୱାନ୍ ବିନ୍ ଉମୈୟାହ୍ ମକ୍କାର ଅଧିପତି ଉମୈୟାହ୍ ଖଲଫ୍‌ଙ୍କ ପୁତ୍ର ଥିଲା । ଅଶିକ୍ଷିତ ଯୁଗରେ କୁରୈଶ୍‌ମାନଙ୍କର ଶିଷ୍ଟ ଓ ସଭ୍ୟ ଲୋକଙ୍କ ମଧ୍ୟରୁ ଅନ୍ୟତମ ଥିଲା । ସଫ୍‌ୱାନ୍ ବିନ୍ ଉମୈୟାହ୍ ଉଚ୍ଚ ଭାଷୀ ଏବଂ ଆଳଂକାରିକ ଭାଷୀଙ୍କ ମଧ୍ୟରୁ ଅନ୍ୟତମ ବ୍ୟକ୍ତି ଥିଲା ଓ ସେ ଇସ୍‌ଲାମ୍ ଧର୍ମର ଘୋର ଶତ୍ରୁ ଥିଲା । ସେ ମକ୍କାରେ ମୁସଲମାନମାନଙ୍କୁ ନିର୍ଯାତନା ଦେଉଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅନ୍ୟତମ ବ୍ୟକ୍ତି ଥିଲା । ବଦର୍ ଯୁଦ୍ଧ ପରେ ସେ ନବୀ କରୀମ୍ ସ.ଅଙ୍କୁ ହତ୍ୟା କରିବାର ଷଡ଼ଯନ୍ତ୍ର ମଧ ରଚିଥିଲା । ଉକ୍ତ କାର୍ଯ୍ୟ ପାଇଁ ସେ ଉମୈର୍ ବିନ୍ ୱହବ୍‌ଙ୍କୁ ପ୍ରସ୍ତୁତ କରାଇଥିଲା । ହୁଜୁର ଅନ୍‌ୱର୍ ଅ.ବ କହିଲେ, କିନ୍ତୁ ସଫ୍‌ୱାନ୍ ବିନ୍ ଉମୈୟାହ୍ ସେହି ଲୋକମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ନଥିଲା ଯେଉଁମାନଙ୍କୁ ସଂହାର କରିବା ନିମନ୍ତେ ଆଦେଶ ଦିଆଯାଇଥିଲା । କିନ୍ତୁ ସଫ୍‌ୱାନ୍ ବିନ୍ ଉମୈୟାହ୍ ଭୟ ଓ ଦ୍ୱନ୍ଦ୍ୱାଗ୍ରସ୍ତ ହୋଇ ମକ୍କାରୁ ପଳାୟନ କରିଥିଲା ଯେ, ତା'ର ସଂହାର ନକରିଦିଆଯାଉ । ସଫ୍‌ୱାନ୍ ବିନ୍ ଉମୈୟାହ୍ ଲୋହିତ ସାଗର ଦେଇ ଜଦ୍ଦାହ୍ ଅଭିମୁଖେ ପଳାୟନ କରିଥିଲେ। ଉମୈର୍ ବିନ୍ ୱହବ୍ ଯେକି ତା'ର ବନ୍ଧୁ ଥିଲା ଏବଂ ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ସାରିଥିଲା । ଏ ହେଉଛି ସେହି ଉମୈର୍ ଯାହାକୁ ସଫ୍‌ୱାନ୍ ବିନ୍ ଉମୈୟାହ୍ ଏହା କହି ଆଁହଜରତ ସ.ଅଙ୍କୁ ହତ୍ୟା କରିବା ନିମନ୍ତେ ମଦିନା ପ୍ରେରଣ କରିଥିଲା ଯେ, ହେ ଉମୈର୍ ! ତୁମେ ଯଦି ମୁହମ୍ମଦ୍ ସ.ଅଙ୍କ ହତ୍ୟା କରିଦିଅ ତେବେ ମୁଁ ତୁମର ସନ୍ତାନ ତଥା ପରିବାରର ପ୍ରତିପୋଷଣ, ସନ୍ତାନମାନଙ୍କର ଲାଳନ ପାଳନ ଦାୟିତ୍ୱ ବହନ କରିବି । କିନ୍ତୁ ଉମୈର୍ ଯେତେବେଳେ ମଦିନାରେ ପହଞ୍ଚିଲା ସେତେବେଳେ ନବୀ କରୀମ୍ ସ.ଅଙ୍କୁ ଉମୈର୍‌ର ସମସ୍ତ ଯୋଜନା ସଂପର୍କରେ ଜ୍ଞାତ ହୋଇଗଲା। ଏହି ଚମତ୍କାରକୁ ଦେଖି ଉମୈର୍ ସେହି ମୁହୂର୍ତ୍ତରେ ହିଁ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲେ । ବର୍ତ୍ତମାନ ମକ୍କା ବିଜୟ ଅବସରରେ ଉମୈର୍ ନିଜର ବନ୍ଧୁ ସଫ୍‌ୱାନ୍‌ର ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ନିମନ୍ତେ ଅଭିଳାଷୀ ଓ ଚିନ୍ତିତ ଥିଲେ । ହ. ଉମୈର୍ ବିନ୍ ୱହବ୍ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସଫ୍‌ୱାନ୍ ମୋ ସଂପ୍ରଦାୟର ଅଧିପତି ଅଟେ । ସେ ଆପଣଙ୍କୁ ଡରି ପଳାୟନ କରିଛି । ଆପଣ ତା'କୁ ଶାନ୍ତି ଓ ସୁରକ୍ଷା ପ୍ରଦାନ କରନ୍ତୁ । ଆପଣ ସ.ଅ କହିଲେ, ହେ ଉମୈର୍ ! ସଫ୍‌ୱାନ୍‌କୁ ଏଠାରେ ଶାନ୍ତି ଓ ସୁରକ୍ଷା ଦିଆଯିବ । ଏଠାରେ ତା'କୁ କୌଣସି ଡର ଭୟ ନାହିଁ । ଉମୈର୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ମୋତେ ନିଜର କୌଣସି ନିଦର୍ଶନ (ଚିହ୍ନ ବା ପ୍ରତୀକ) ପ୍ରଦାନ କରନ୍ତୁ, ଯେଉଁ ଚିହ୍ନକୁ ମୁଁ ସଫ୍‌ୱାନ୍‌କୁ ଦେଖାଇ ତାକୁ ଏହା କହିପାରିବି କି ଆପଣ ସ.ଅ ତାକୁ ସୁରକ୍ଷା ପ୍ରଦାନ କରିଛନ୍ତି । ଆପଣ ସ.ଅ ପଗଡ଼ି ପିନ୍ଧିଥିଲେ ଏବଂ ସେହି ପଗଡ଼ି ଆପଣ ସ.ଅ ଉମୈର୍‌କୁ ପ୍ରଦାନ କରିଦେଲେ। ହ. ଉମୈର୍ ଦୃଢ ସଂକଳ୍ପ ନେଇ ଯାତ୍ରା କଲେ । ଏପର୍ଯ୍ୟନ୍ତକି ଆପଣ ସଫ୍‌ୱାନ୍‌କୁ ଖୋଜି ପକାଇଲେ । ସଫ୍‌ୱାନ୍ ଏକ ଡଙ୍ଗାରେ ଆରୋହଣ ହେବାକୁ ଯାଉଥିଲା । ହ. ଉମୈର୍ ତା'କୁ କହିଲା, ହେ ସଫ୍‌ୱାନ୍! ମୁଁ ସେହି ଅସ୍ତିତ୍ୱ ଅର୍ଥାତ୍ ମହାବତାର ହ. ମୁହମ୍ମଦ୍ ସ.ଅଙ୍କ ତରଫରୁ ଆସିଛି ଯିଏ ସମସ୍ତ ଲୋକମାନଙ୍କ ଅପେକ୍ଷା ସର୍ବାଧିକ ପବିତ୍ର, ସର୍ବାଧିକ ଦୟା ପ୍ରଦର୍ଶକାରୀ ଅଟନ୍ତି । ହେ ସଫ୍‌ୱାନ ! ତୁମେ ନିଜକୁ ବିନାଶରେ ପକାଅ ନାହିଁ । ମୁଁ ତୁମ ନିମନ୍ତେ ଆଁହଜରତ୍ ସ.ଅଙ୍କ ଠାରୁ ଶାନ୍ତି ଓ ସୁରକ୍ଷାର ବାର୍ତ୍ତା ନେଇ ଆସିଛି । ପ୍ରତ୍ୟୁତ୍ତରରେ ସଫ୍‌ୱାନ୍ କହିଲା, ହେ ଉମୈର୍ ! ଯେପର୍ଯ୍ୟନ୍ତ ତୁମେ ମୋତେ ଆଁହଜରତ ସ.ଅଙ୍କ

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

କୌଣସି ନିଦର୍ଶନ ଅର୍ଥାତ୍ କୌଣସି ବସ୍ତୁ ଦେଖାଇ ଦେଇ ନାହଁ, ସେପର୍ଯ୍ୟନ୍ତ ମୁଁ ତୁମ ସହିତ ଫେରିବି ନାହିଁ । ଫଳତଃ ହ. ଉମୈର୍ ସଫ୍‌ୱାନ୍‌କୁ ଆଁହଜରତ୍ ସ.ଅଙ୍କ ଦ୍ୱାରା ପ୍ରଦତ୍ତ ପଗଡ଼ି ଦେଖାଇଲେ । ଅତଏବ୍ ସଫ୍‌ୱାନ ଆଁହଜରତ ସ.ଅଙ୍କ ପଗଡ଼ି ଦେଖି ହ. ଉମୈର୍ ର.ଅଙ୍କ ସହିତ ଚାଲି ଆସିଲା । ସଫ୍‌ୱାନ୍ ଯେତେବେଳେ ଆଁହଜରତ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ ହେଲା ସେତେବେଳେ ଆପଣ ସ.ଅ ମସ୍‌ଜିଦରେ ନିଜର ସାହାବାମାନଙ୍କୁ ନମାଜ ପାଠ କରାଉଥିଲେ । ଯେତେବେଳେ ଆପଣ ସ.ଅ ସଲାମ୍ କଲେ ସେତେବେଳେ ସଫ୍‌ୱାନ୍ ଉଚ୍ଚ ସ୍ୱରରେ କହିଲା, ହେ ମୁହମ୍ମଦ୍ ସ.ଅ! ଉମୈର୍ ମୋ ପାଖକୁ ଆପଣ ସ.ଅଙ୍କ ଚଦର୍ ଅର୍ଥାତ୍ ପଗଡ଼ି ନେଇ ଆସିଛି ଏବଂ ଆପଣ ସ.ଅ ମୋତେ ସୁରକ୍ଷା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଆପଣ ସ.ଅ କହିଲେ, ଏକ୍‌ଦମ୍ ଠିକ୍ କଥା କହିଛ ତୁମେ । ସଫ୍‌ୱାନ୍ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ମୋତେ ଦୁଇ ମାସ ସମୟ ଦିଅନ୍ତୁ । ବର୍ତ୍ତମାନ ମୁଁ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାକୁ ଚାହୁଁ ନାହିଁ । ଆପଣ ସ.ଅ କହିଲେ, ଦୁଇ ମାସ କ'ଣ ତୁମକୁ 4 ମାସ ଦିଆଯାଉଛି । ଆଁହଜରତ ସ.ଅ କହିଲେ, ମୁଁ ଏହି ଆଶା କରୁଛି ଯେ, ତୁମେ ଉକ୍ତ ଅବଧି ମଧ୍ୟରେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେବ । ସୁତରାଂ ସଫ୍‌ୱାନ୍ ମୁସ୍‌ରିକ୍ (ଅବିଶ୍ୱାସକାରୀ) ଅବସ୍ଥାରେ ହିଁ ମକ୍କାରେ ରହିବାକୁ ଲାଗିଲା । ଯେତେବେଳେ ଆଁହଜରତ ସ.ଅ ହୱାଜିନ୍ ସଂପ୍ରଦାୟ ଅଭିମୁଖେ ବାହାରିଲେ ଏବଂ ତାଏଫ୍ ଯୁଦ୍ଧ ଓ ହୁନୈନ୍ ଯୁଦ୍ଧ ପରେ ମାଲେ ଗନିମତ୍ ବାଣ୍ଟିଲେ ସେତେବେଳେ ଆପଣ ସ.ଅ ସଫ୍‌ୱାନ୍‌କୁ ଦେଖିଲେ । ସଫ୍‌ୱାନ୍ ସେହି ଘାଟି ଆଡ଼କୁ ଦେଖୁଥିଲା ଯେଉଁ ଘାଟି ଛେଳୀ ମେଣ୍ଢାଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଥିଲା । ସେ ଅହରହ ସେହି ଜୀବମାନଙ୍କୁ ଦେଖୁଥିଲା। ରସୁଲ୍ କରୀମ୍ ସ.ଅ କହିଲେ, ହେ ସଫ୍‌ୱାନ୍ ! ଉକ୍ତ ଘାଟି ତୁମକୁ ଦ୍ୱନ୍ଦ୍ୱରେ ପକାଇ ଦେଇଛି ଯେ, ଉକ୍ତ ଘାଟିରେ ଏତେ ସଂଖ୍ୟକ ଧନ ରହିଛି ? ସଫ୍‌ୱାନ୍ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ହଁ ମୋତେ ଉକ୍ତ ଘାଟି ଦ୍ୱନ୍ଦ୍ୱରେ ପକାଇ ଦେଇଛି । ଆପଣ ସ.ଅ କହିଲେ, ହେ ସଫ୍‌ୱାନ୍ ! ଏହି ଘାଟି ଓ ଉକ୍ତ ଘାଟି ମଧ୍ୟରେ ଯାହା କିଛି ବି ରହିଛି ସେହି ସମସ୍ତ ବସ୍ତୁ ତୁମର ଅଟେ । ଯାଅ ତୁମେ ଏସବୁ ନେଇଯାଅ । ସଫ୍‌ୱାନ ସମସ୍ତ ସମ୍ପତ୍ତି ଉପରେ ଅଧିକାର କରିନେଲେ ଏବଂ କହିଲେ, ଅବତାରଙ୍କ ଆତ୍ମା ଯେପରି ଉତ୍ତମ ପନ୍ଥା ଦ୍ୱାରା ପରୋପକାରୀ ହୋଇ ଉଦାରତା ପ୍ରଦର୍ଶନ କରିଥାଏ ସେପରି ଉଦାରତା ଅନ୍ୟ କୌଣସି ବ୍ୟକ୍ତି ପ୍ରଦର୍ଶନ କରିପାରିବ ନାହିଁ । ହେ ମୁହମ୍ମଦ୍ ସ.ଅ ମୁଁ ଏହି ସାକ୍ଷ୍ୟ ପ୍ରଦାନ କରୁଛି ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ନୁହନ୍ତି ଏବଂ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ ଅଲ୍ଲାଃତାଲାଙ୍କ ଭକ୍ତ ଓ ତାହାଙ୍କ ବାର୍ତ୍ତାବହ ଅଟନ୍ତି । ସଫ୍‌ୱାନ୍ ସେହି ସ୍ଥାନରେ ହିଁ ଇସଲାମ୍ ଧର୍ମ ସ୍ୱୀକାର କରିନେଲେ। ସଫ୍‌ୱାନ୍ ମକ୍କାରେ 42 ହିଜ୍ରୀରେ ହ. ମୁଆୱିୟାଙ୍କ ଖିଲାଫତ୍ କାଳରେ ମୃତ୍ୟୁବରଣ କରିଥିଲେ । କେତେକ ଇତିହାସବିତ୍‌ମାନେ ଏହା କୁହନ୍ତି ଯେ, ସଫ୍‌ୱାନ୍ ହ. ଉସ୍‌ମାନ୍ ର.ଅଙ୍କ ଶାସନ କାଳରେ ଶାହାଦତ୍‌ର ହଙ୍ଗମା (ସାଂପ୍ରଦାୟିକତା) ସମୟରେ ଶହୀଦ୍ ହୋଇଥିଲେ । **(ସବ୍‌ଲୁଲ୍ ହୁଦାର ଅନୁବାଦକ ଭାଗ-5, ପୃ-253-254, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ସିରତୁଲ୍ ହଲବିୟାହ୍, ବାବ୍- ଜିକ୍ରୁ ମୁଗାଜିୟାହ୍, ଭାଗ-3, ପୃ-135, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)(ମକ୍କା ବିଜୟ, ଲେଖକ-ବାଶ୍‌ମିଲ୍, ପୃ-321-325, ନଫିସ୍ ଏକାଡ଼େମୀ, କରାଚୀ) (ଉସ୍‌ଦୁଲ୍ ଗାବା, ଭାଗ-3, ପୃ-25, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ମିର୍ଜା ବଶୀର ଅହମଦ୍ ଏମ୍.ଏ ସାହେବ ର.ଅ, ପୃ-297) (ସିରତ୍ ଇବ୍‌ନେ ହିଶ୍ଶାମ, ପୃ-449, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମକ୍କା ବିଜୟ ଅବସରରେ ଇସ୍‌ଲାମ୍ ଧର୍ମ ସ୍ୱୀକାରକାରୀ ଏହି ଅଧିପତିମାନଙ୍କ ମଧ୍ୟରୁ ଅନେକ ଅଧିପତିମାନେ ପରବର୍ତ୍ତୀ କାଳରେ ନିଜ ଜୀବନରେ ଏକ ଅଭୂତପୂର୍ବ ପରିବର୍ତ୍ତନ ସୃଷ୍ଟି କରିଥିଲେ । ହ. ମୁସ୍‌ଲେହ୍ ମଉଦ୍ ର.ଅ ଉକ୍ତ ଘଟଣାର ଚର୍ଚ୍ଚା କରି କୁହନ୍ତି ଯେ, ହ. ଉମର୍ ର.ଅ ଏକଦା ନିଜର ଖିଲାଫତ୍ ଶାସନ କାଳରେ ଯେତେବେଳେ ମକ୍କା ଆସିଲେ ସେତେବେଳେ ସହରର ବଡ଼ ବଡ଼ ଆଭିଜାତ୍ୟ ଓ ସମ୍ଭ୍ରାନ୍ତ ପରିବାରର ଅଧିପତିମାନେ ହ. ଉମର୍ ର.ଅଙ୍କୁ ଭେଟିବା ନିମନ୍ତେ ଆସିଲେ । ସେହି ଅଧିପତିମାନଙ୍କ ମନରେ ଏହି ଧାରଣା ଜାତ ହେଲା ଯେ, ହ. ଉମର୍ ର.ଅ ଆମର ବଂଶ ସହିତ ଭଲ ଭାବରେ ପରିଚିତ ଅଟନ୍ତି। ତେଣୁ ହ. ଉମର୍ ର.ଅ ନିଜେ ଜଣେ ସମ୍ରାଟ୍ ଅଟନ୍ତି ଏବଂ ସେ ଆମ ବଂଶ ଏବଂ ପରିବାର ପ୍ରତି ସମ୍ମାନ ପ୍ରଦର୍ଶନ କରିବେ ।) ଆମମାନଙ୍କର ଯେଉଁ ହଜି ଯାଇଥିବା ସମ୍ମାନ ଓ ମର୍ଯ୍ୟାଦା ରହିଥିଲା ତାହାକୁ ପୁନଃ ପ୍ରାପ୍ତ ଆମେମାନେ କରିନେବୁ । ସୁତରାଂ ସେ ଆସିଲେ ଏବଂ ହ. ଉମର୍ ର.ଅଙ୍କ ସହିତ କଥାବାର୍ତ୍ତା କରିବା ଆରମ୍ଭ କରିଦେଲେ। ସେହି ଅଧିପତିମାନେ ବର୍ତ୍ତମାନ କଥାବାର୍ତ୍ତା ହେଉଥିଲେ କି ହ. ଉମର୍ ର.ଅଙ୍କ ସଭାରେ ହ. ବିଲାଲ୍ ର.ଅ ଆସିଗଲେ । କିଛି ସମୟ ବିତି ନଥିଲା ହ. ଖବ୍‌ବାବ୍ ର.ଅ ଆସିଗଲେ। ଏହିପରି ଭାବରେ ଜଣକ ପରେ ଅନ୍ୟ ଜଣେ ଦାସମାନେ ଆସିଗଲେ। ଅର୍ଥାତ୍ ଯେଉଁ ଦାସମାନେ ପୂର୍ବେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିଥିଲେ ସେମାନେ ଗୋଟିଏ ପରେ ଅନ୍ୟ ଜଣେ ଆସିଲେ । ଏହି ଦାସମାନେ ହେଉଛନ୍ତି ସେହିମାନେ ଯେଉଁମାନେ ସେହି ଅଧିପତିମାନଙ୍କର ଦାସ ଥିଲେ ଏବଂ ସେହି ଅଧିପତିମାନଙ୍କ ପିତୃ ପୁରୁଷଙ୍କର ଦାସ ରହି ଆସିଥିଲେ । ସେ ଯାହା ହେଉ ଅଧିପତିମାନେ ବସିଥିଲେ । ଏହି ସମସ୍ତ ଦାସମାନେ କୁରୈଶ୍‌ର ଅଧିପତିଙ୍କର ଦାସ ଥିଲେ । ଯେତେବେଳେ ଏହି ଅଧିପତିମାନଙ୍କର ଶକ୍ତି, ସାମର୍ଥ୍ୟ ଓ କ୍ଷମତାଧାରୀ ଥିଲେ ସେତେବେଳେ ସେମାନେ ଏହି ଦାସମାନଙ୍କ ଉପରେ ଅକଥନୀୟ ଅତ୍ୟାଚର କରୁଥିଲେ । ଯେତେବେଳେ ପ୍ରତ୍ୟେକ ଦାସ ସଭାକୁ ଆସୁଥିଲେ ସେତେବେଳେ ହ. ଉମର୍ ର.ଅ ପ୍ରତ୍ୟେକ ଦାସଙ୍କୁ ସ୍ୱାଗତ ଜଣାଉଥିଲେ ।

ହ. ମୁସ୍‌ଲେହ୍ ମଉଦ୍ ର.ଅ ଉଲ୍ଲେଖ କରନ୍ତି ଯେ, ହ. ଉମର୍ ର.ଅ ପ୍ରତ୍ୟେକ ଦାସର ଆଗମନରେ ତା'କୁ ଏପରି ସ୍ୱାଗତ ଜଣାଇଲେ ଯେପରିକି ସେହି ଦାସମାନେ ଅଧପତି ଅଟନ୍ତି । ସେହିପରି ଅଧିପତିମାନଙ୍କୁ ଏହା କୁହାଗଲା କି ସେମାନେ ଟିକେ ପଛକୁ ଘୁଞ୍ଚି ଯାଆନ୍ତୁ । ଅଧିପତିମାନେ ସଭାରେ ଆଗ ଧାଡ଼ିରେ ବସିଥିଲେ । ଯେତେବେଳେ ଏହି ପୁରାତନ ବିଶ୍ୱାସକାରୀ ଦାସମାନେ ଆସୁଥିଲେ ସେତେବେଳେ ଆପଣ (ହ. ଉମର୍ ର.ଅ) ମକ୍କାର ସେହି ଧନାଢ୍ୟ ଅଧିପତିମାନଙ୍କୁ କହୁଥିଲେ, ଆଜ୍ଞା ଆପଣମାନେ ଟିକେ ପଛକୁ ଯାଆନ୍ତୁ ଏହି ବିଶ୍ୱାସକାରୀ ଦାସମାନଙ୍କୁ ଆଗରେ ବସିବାକୁ ଦିଅନ୍ତୁ । ଏପର୍ଯ୍ୟନ୍ତକି ଯେଉଁ ଯୁବକ ଧନାଢ୍ୟମାନେ ହ. ଉମର୍ ର.ଅଙ୍କୁ ଭେଟିବାକୁ ଆସିଥିଲେ ସେମାନେ ପଛକୁ ହଟି ହଟି ପୂରା ଦ୍ୱାର ପର୍ଯ୍ୟନ୍ତ ପହଞ୍ଚିଗଲେ । ସେହି କାଳରେ ଏତେ ବଡ଼ ବଡ଼ ହଲ୍ ତ' ହେଉ ନଥିଲା । ଏକ ସାମାନ୍ୟ କୋଠରୀ ହୋଇଥିବ ଏବଂ ସମସ୍ତେ ସେହି କୋଠରୀ ମଧ୍ୟରେ ଜାଗା ହୋଇପାରୁ ନଥିଲେ । ତେଣୁ ପଛକୁ ପଛକୁ ଘୁଞ୍ଚିବା ଫଳରେ ଧନାଢ୍ୟ ଅଧିପତିମାନଙ୍କୁ ଜୋତାରେ ବସିବାକୁ ପଡ଼ିଥିଲା । ଯେତେବେଳେ ମକ୍କାର ସେହି ଧନାଢ୍ୟ ଅଧିପତମାନେ ଜୋତା ପାଖରେ ଯାଇ ପହଞ୍ଚିଗଲେ ସେତେବେଳେ ସେମାନେ ସ୍ୱଚକ୍ଷୁରୁ ଦେଖିଲେ ଯେ, କିପରି ଗୋଟିଏ ପରେ ଗୋଟିଏ ମୁସଲମାନ ଦାସ ଆସୁଛି ଓ ତାକୁ ଆଗରେ ବସାଇବା ନିମନ୍ତେ ସେହି ଲୋକମାନଙ୍କୁ ଅର୍ଥାତ୍ ଧନାଢ୍ୟ ଅଧିପତିମାନଙ୍କୁ ପଛକୁ ହଟିବା ନିମନ୍ତେ ଆଦେଶ ଦିଆଗଲା ସେତେବେଳେ ସେମାନଙ୍କର ହୃଦୟକୁ ଗଭୀର ଆଘାତ ଲାଗିଲା । ହ. ମୁସ୍‌ଲେହ୍ ମଉଦ୍ ର.ଅ ଉଲ୍ଲେଖ କରନ୍ତି ଯେ, ଈଶ୍ୱର ମଧ୍ୟ ସେତେବେଳେ କିଛି ଏପରି ସାଧନ ସୃଷ୍ଟି କରିଦେଲେ ଯେ, ଗୋଟିଏ ପରେ ଗୋଟିଏ ଅନେକ ମୁସଲମାନମାନେ ସଭାକୁ ଚାଲି ଆସିଲେ । ଅର୍ଥାତ୍ ଯେଉଁ ଦାସମାନେ ପୂର୍ବ କାଳରେ ଅବିଶ୍ୱାସକାରୀମାନଙ୍କର ଦାସ ରହି ଆସିଥିଲେ ସେହି ଦାସମାନେ ସଭାକୁ ଚାଲି ଆସିଲେ । ଯଦି ଏକାଥରକେ ସେହି ଧନାଢ୍ୟ ଅଧିପତିମାନେ ପଛକୁ ହଟି ଥାଆନ୍ତେ ତେବେ ସେମାନଙ୍କୁ ଏହା ଅବବୋଧ ହୋଇ ନଥାଆନ୍ତା । କିନ୍ତୁ ସେହି ଧନାଢ୍ୟ ଅଧିପତିମାନଙ୍କୁ ବାରମ୍ବାର ପଛକୁ ହଟିବାକୁ ପଡ଼ିଲା ସେଇଥି ପାଇଁ ସେମାନେ ଏହି ଅପମାନକୁ ସହ୍ୟ କରି ନପାରି ସଭାରୁ ଉଠି ବାହାରକୁ ଚାଲିଗଲେ । ବାହାରକୁ ବାହାରି ଆସିବା ପରେ ସେମାନେ ପରସ୍ପର ସମ୍ମୁଖରେ ଅଭିଯୋଗ କରିବାକୁ ଲାଗିଲେ ଯେ, ଆରେ ଦେଖରେ ଦେଖ ଆଜି ଆମକୁ କିପରି ତିରସ୍କୃତ ହେବାକୁ ପଡ଼ିଛି ଓ ଅପମାନ ସହ୍ୟ କରିବାକୁ ପଡ଼ିଛି । ପ୍ରତ୍ୟେକ ଦାସ ଆସିବା ମାତ୍ରେ ଆମମାନଙ୍କୁ କିପରି ପଛକୁ ହଟାଇ ଦିଆଗଲା ? ଏପର୍ଯ୍ୟନ୍ତକି ଆମେମାନେ ଜୋତା ପର୍ଯ୍ୟନ୍ତ ପହଞ୍ଚିଗଲୁ । ପ୍ରତ୍ୟୁତ୍ତରରେ ସେମାନଙ୍କ ମଧ୍ୟରୁ ଜଣେ ଯୁବକ କହିଲା, ଏଥିରେ କାହାର ଦୋଷ ରହିଛି ? ଅର୍ଥାତ୍ ହ.ଉମର୍ ର.ଅଙ୍କର ଦୋଷ ରହିଛି ନା ଆମମାନଙ୍କର ପିତୃ ପୂର୍ବ ପୁରୁଷମାନଙ୍କର ? ଯଦି ତୁମେମାନେ ଚିନ୍ତା କର ତେବେ ଏହା ଜାଣି ପାରିବ ଯେ, ତହିଁରେ ହ. ଉମର୍ ର.ଅଙ୍କର ତ' କୌଣସି ଦୋଷ ନାହିଁ । ଏହା ଆମ ବାପ ଅଜାଙ୍କ ଦୋଷ ଥିଲା ଯେଉଁ ଦୋଷର ଆଜି ଆମମାନଙ୍କୁ ଶାସ୍ତି ମିଳୁଛି । କାରଣ ଅଲ୍ଲାଃତାଲା ଯେତେବେଳେ ନିଜର ବାର୍ତ୍ତାବହଙ୍କୁ ପ୍ରେରଣ କଲେ ସେତେବେଳେ ଆମର ବାପ ଅଜାମାନେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହଙ୍କର ବିରୋଧ କଲେ । କିନ୍ତୁ ସେହି ଦାସମାନେ ଉକ୍ତ ବାର୍ତ୍ତାବହଙ୍କୁ ସ୍ୱୀକାର କଲେ ଏବଂ ପ୍ରତ୍ୟେକ ପ୍ରକାରର କଷ୍ଟକୁ ଆନନ୍ଦ ସହକାରେ ମୁଣ୍ଡ ପାତି ସହ୍ୟ କଲେ । ସେଇଥି ପାଇଁ ଆଜି ଯଦି ଆମମାନଙ୍କୁ ସଭାରେ ଅପମାନିତ ତଥା ତିରସ୍କୃତ ହେବାକୁ ପଡ଼ିଲା ତେବେ ତହିଁରେ ଉମରଙ୍କର କୌଣସି ଦୋଷ ନାହିଁ । ବରଂ ତହିଁରେ ଆମମାନଙ୍କର ହିଁ ଦୋଷ ଅଟେ । ଯୁବକର ଉକ୍ତ କଥାକୁ ଶୁଣି ଅନ୍ୟମାନେ କହିବାକୁ ଲାଗିଲେ ଯେ, ଆମେମାନେ ଏକଥା ତ' ସ୍ୱୀକାର କରିନେଲୁ

## ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ଯେ,ଏହା ଆମମାନଙ୍କର ବାପ ଅଜାଙ୍କ ଦୋଷ ଅଟେ । କିନ୍ତୁ ଏହି ତିରସ୍କାରର କଳଙ୍କକୁ ଲିଭାଇବାର ମଧ୍ୟ କୌଣସି ମାଧ୍ୟମ (ଉପାୟ) ଅଛି ନା ନାହିଁ ? ପ୍ରତ୍ୟୁତ୍ତରରେ ସମସ୍ତେ ପରସ୍ପର ମଧ୍ୟରେ ପରାମର୍ଶ କଲେ ଯେ, ଆମମାନେ କିଛି ବୁଝିପାରୁ ନାହୁଁ। ଚାଲ ହ. ଉମର୍ ର.ଅଙ୍କ ନିକଟକୁ ଚାଲ । ତାଙ୍କୁ ହିଁ ପଚାରି ନେବା ଯେ, ଏହାର କି ଉପଚାର ଓ ସମାଧାନ ରହିଛି ? ସୁତରାଂ ସେମାନେ ହ. ଉମର୍ ର.ଅଙ୍କ ପାଖକୁ ଆସିଲେ ଏବଂ କହିବାକୁ ଲାଗିଲେ ଯେ, ହେ ଉମର୍ ! ଆଜି ଆମମମାନଙ୍କ ସହିତ ଯାହା ଘଟିଛି, ତାହା ଆମେମାନେ ଭଲ ଭାବରେ ଜାଣୁ ଓ ଆପଣ ମଧ୍ୟ ଭଲ ଭାବରେ ଜାଣନ୍ତି । ହ. ଉମର୍ ର.ଅ କହିବାକୁ ଲାଗିଲେ, କ୍ଷମା କରିବେ ! ମୁଁ ବାଧ୍ୟ ଥିଲି। କାରଣ ଏମାନେ ହେଉଛନ୍ତି ସେହିମାନେ ଯେଉଁମାନେ ଆଁହଜରତ ସ.ଅଙ୍କ ସଭାରେ ସମ୍ମାନସ୍ପଦ ଥିଲେ । ତେଣୁ ମୋର ମଧ୍ୟ ଏହି କର୍ତ୍ତବ୍ୟ ଥିଲା କି ମୁଁ ଏମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିଥାଆନ୍ତି। ସେହି ଧାନଢ୍ୟ ଅଧିପତିମାନେ କହିଲେ, ଆମେମାନେ ଏକଥା ଜାଣୁ ଯେ, ଏହା ଆମମାନଙ୍କର ହିଁ ଦୋଷର ପରିଣାମ ଅଟେ । କିନ୍ତୁ ଏହି କଳଙ୍କକୁ ଲିଭାଇବାର କୌଣସି ଉପାୟ ରିଅଛି କି ? ହ. ମୁସ୍ଲେହ୍ ମଉଦ୍ ର.ଅ କୁହନ୍ତି ଯେ, ଆମେମାନେ ତ' ଆଜିକାଲି ଯେଉଁ ଯୁଗରେ ବାସ କରୁ ଉକ୍ତ ପ୍ରସଙ୍ଗର କଳନା ମଧ୍ୟ କରିପାରିବୁ ନାହିଁ । ଆଜିକାଲି ଏହାର କଳନା କରିବା ଅତ୍ୟନ୍ତ କଷ୍ଟକର ବ୍ୟାପାର ଅଟେ । ସେହି ଲୋକମାନେ ଯେଉଁମାନେ ମକ୍କାର ଧାନଢ୍ୟ ଅଧିପତିମାନେ ଥିଲେ ସେମାନଙ୍କୁ ମକ୍କାରେ କିଭଳି ମର୍ଯ୍ୟାଦା ପ୍ରାପ୍ତ ଥିଲା ଏବଂ ସେମାନେ କିପରି ପ୍ରଭାବଶାଳୀ ଥିଲେ ? କିନ୍ତୁ ହ. ଉମର୍ ର.ଅ ସେମାନଙ୍କର ବଂଶର ପରିସ୍ଥିତିକୁ ଭଲ ଭାବରେ ଜାଣିଥିଲେ । ଆପଣ ସ.ଅ ମକ୍କାରେ ଜନ୍ମଲାଭ କରିଥିଲେ ଏବଂ ମକ୍କାରେ ହିଁ ଲାଳିତ ପାଳିତ ହୋଇ ବଡ଼ ହୋଇଥିଲେ । ସେଇଥି ପାଇଁ ହ. ଉମର୍ ର.ଅ ଏକଥା ଜାଣିଥିଲେ ଯେ, ସେହି ଯୁବକମାନଙ୍କର ବାପ ଅଜା (ପୂର୍ବ ପୁରୁଷମାନେ)ମାନେ କିପରି ମର୍ଯ୍ୟାଦା ପ୍ରାପ୍ତ ନିମନ୍ତେ ଯୋଗ୍ୟଥିଲେ । ହ. ଉମର୍ ର.ଅ ଏକଥା ଜାଣିଥିଲେ ଯେ, କୌଣସି ବ୍ୟକ୍ତି ତାଙ୍କ ସମ୍ମୁଖରେ ଆଖି ଉଠାଇବା ପାଇଁ ମଧ୍ୟ ଦୁଃସାହସ କରିପାରୁ ନଥିଲା । ହ. ଉମର୍ ର.ଅ ଏକଥା ଜାଣିଥିଲେ ଯେ, ତାଙ୍କୁ କେଉଁ ପ୍ରକାରର ଭୟ ଓ କ୍ଷମତା ପ୍ରାପ୍ତ ଥିଲା । ଯେତେବେଳେ ସେହି ଧନାଢ୍ୟ ଅଧିପତିମାନେ ଏକଥା କହିଲେ, ସେତେବେଳେ ହ. ଉମର୍ ର.ଅଙ୍କ ସମ୍ମୁଖରେ ଗୋଟିଏ ଗୋଟିଏ ସମସ୍ତ ଘଟଣାବଳୀ ଆସିଗଲା ଏବଂ ଆପଣ ର.ଅଙ୍କ ଉପରେ ରୋଦନମୟ ସ୍ଥିତି ପ୍ରସାରିତ ହେବାକୁ ଲାଗିଲା । ସେତେବେଳେ ହ. ଉମର୍ ର.ଅ କାନ୍ଦିବା ଯୋଗୁଁ କିଛି କହି ମଧ୍ୟ ପାରୁନ ଥିଲେ । ଆପଣ ର.ଅ କାନ୍ଦ ଯୋଗୁଁ କିଛି କହି ମଧ୍ୟ ପାରୁ ନଥିଲେ । ଆପଣ ର.ଅ କେବଳ ନିଜର ହାତ ଉଠାଇଲେ ଏବଂ ଉତ୍ତର ଦିଗ ଆଡ଼କୁ ଆଙ୍ଗୁଠି ଦ୍ୱାରା ଇଙ୍ଗିତ କଲେ। ଏହାର ଅର୍ଥ ଏହା ଥିଲା ଯେ, ଉତ୍ତର ଦିଗରେ ଅର୍ଥାତ୍ ସିରୀୟରେ କେତେକ ଇସ୍ଲାମୀୟ ଯୁଦ୍ଧ ହେଉଛି । ଯଦି ତୁମେମାନେ ସେହି ଯୁଦ୍ଧରେ ସାମିଲ୍ ହୋଇଯାଅ ତେବେ ସମ୍ଭବତଃ ତୁମେମାନେ ଏହାର ପ୍ରାୟଶ୍ଚିତ ଅବଶ୍ୟ କରିନେବ। ସୁତରାଂ ସେମାନେ (ଧାନଢ୍ୟ ଅଧିପତିମାନେ) ସେଠାରୁ ଉଠିଲେ ଏବଂ ତୁରନ୍ତ ଯାଇ ଯୁଦ୍ଧରେ ସାମିଲ୍ ହେବା ନିମନ୍ତେ ବାହାରି ପଡ଼ିଲେ । ଇତିହାସ ଏହା କୁହେ କି ସେହି ଧାନଢ୍ୟ ଅଧିପତିମାନଙ୍କର ଯେତେ ସନ୍ତାନମାନେ ରହିଥିଲେ ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ବି ଜୀବିତ ଆସିଲା ନାହିଁ । ସମସ୍ତେ ସେହି ସ୍ଥାନରେ ଶହୀଦ୍ ହୋଇଗଲେ । ଏହିପରି ଭାବରେ ସେମାନଙ୍କ ବଂଶ ଉପେରେ ଯେଉଁ ତିରସ୍କାରର କଳଙ୍କ ଲାଗିଥିଲା ତାହାକୁ ସେମାନେ ଲିଭାଇ ଦେଲେ । **(ତଫ୍‌ସିର୍ କବିର୍, ଭାଗ-11, ପୃ-97-99ରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ବର୍ଣ୍ଣନା କରାଯାଏ ଯେ, ୟର୍ମୁକ୍ ଯୁଦ୍ଧରେ ସେହି ଧାଢ୍ୟ ଅଧିପତିମାନେ ପ୍ରଶଂସନୀୟ ଓ ଅବିଶ୍ୱସନୀୟ ସାହସିକତା ଏବଂ ଅପୂର୍ବ ବୀରତ୍ୱ ପ୍ରଦର୍ଶନ କଲେ । ସୁତରାଂ ହ. ମୁସ୍ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରିଛନ୍ତି ଯେ, ଯେତେବେଳେ ଯୁଦ୍ଧ ସମାପ୍ତ ହେଲା ସେତେବେଳେ ମୁସଲମାନେ ବିଶେଷ ରୂପେ ଇକ୍ରମା ଓ ତା'ର ସାଥିମାନଙ୍କୁ ଖୋଜିଲେ । ମୁସଲମାନମାନେ ଏହା ଦେଖିବାକୁ ପାଇଲେ ଯେ, ଏହି ଲୋକମାନଙ୍କ ମଧ୍ୟରୁ 12 ଜଣ ଲୋକ ଗମ୍ଭୀର ରୂପେ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଇକ୍ରମା ମଧ୍ୟ ଥିଲା । ଜଣେ ମୁସଲମାନ ସିପାହୀ ଏମାନଙ୍କ ନିକଟକୁ ଆସିଲା ଏବଂ ଇକ୍ରମାର ଏହି ଦୂରାବସ୍ଥାକୁ ଦେଖିଲା ଯେ, ଇକ୍ରମାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିଲା । ସେହି ବ୍ୟକ୍ତି ଜଣକ କହିଲା, ହେ ଇକ୍ରମା ! ମୋ ପାଖରେ ଜଳ ଥଳୀ ରହିଛି, ତୁମେ କିଛି ପାଣି ପିଇନିଅ । ଇକ୍ରମା ମୁହଁ ବୁଲାଇ ଦେଖିଲା ଯେ, ପାଖରେ ହିଁ ହ. ଅବବାସ୍ ର.ଅଙ୍କ ପୁତ୍ର ହ. ଫଜଲ୍ ଆହତ ଅବସ୍ଥାରେ ପଡ଼ିଥିଲେ । ଇକ୍ରମା ସେହି ମୁସଲମାନ ବ୍ୟକ୍ତିକୁ କହିଲା, ହେ ବ୍ୟକ୍ତି ମୋର ବିବେକ ଏହା ସହ୍ୟ କରିପାରୁ ନାହିଁ ଯେ, ଯେଉଁ ଲୋକମାନେ ରସୁଲୁଲ୍ଲାଃ ସ.ଅଙ୍କୁ ସେତେବେଳେ ସାହାଯ୍ୟ କରିଥିଲେ ଯେତେବେଳେ ମୁଁ ଆପଣ ସ.ଅଙ୍କର ଘୋର ବିରୋଧୀ ଥିଲି । ତେଣୁ ସେହି ସାହାଯ୍ୟ କରିଥିବା ଲୋକମାନଙ୍କର ସନ୍ତାନ ପାଣି ନପିଇ ମୃତ୍ୟୁବରଣ କରନ୍ତି ତେବେ ମୁଁ ଜଳପାନ କରି କାହିଁକି ଜୀବିତ ରହିବି? ସେହି ଧନାଢ୍ୟ ଅଧିପତିମାନଙ୍କ ସନ୍ତାନମାନଙ୍କ ମଧ୍ୟରେ ବଳିଦାନ ଦେବାର ଏକ ନୂତନ ଓ ଅପୂର୍ବ ଉତ୍ସାହ ସୃଷ୍ଟି ହୋଇଥିଲା । ସେଇଥି ପାଇଁ ତାଙ୍କୁ ଅର୍ଥାତ୍ ହ. ଫଜଲ୍ ବିନ୍ ଅବ୍‌ବାସ୍ ର.ଅଙ୍କୁ ଜଳପାନ କରାଇ ଦିଅ । ସେ ଯଦି ବଞ୍ଚି ଯାଆନ୍ତି ତେବେ ତୁମେ ମୋ ପାଖକୁ ଜଳ ନେଇ ଆସିବ । ସେହି ମୁସଲମାନ ବ୍ୟକ୍ତି ହ. ଫଜଲ୍‌ଙ୍କ ପାଖକୁ ଗଲା । ହ. ଫଜଲ୍ ଅନ୍ୟ ଆହତ ମୁସଲମାନ ଆଡ଼କୁ ଇଙ୍ଗିତ କଲେ ଏବଂ କହିଲେ, ଆଗ ତା'କୁ ଅର୍ଥାତ୍ ଅନ୍ୟ ମୁସଲମାନମାନଙ୍କୁ ଜଳ ପାନ କରାଅ । ସେ ମୋ ଅପେକ୍ଷା ସାହାଯ୍ୟର ଅଧିକାରୀ ଅଟେ । ସେହି ମୁସଲମାନ ବ୍ୟକ୍ତି ଅନ୍ୟ ଆହତ ବ୍ୟକ୍ତି ଆଡ଼କୁ ଗଲେ ତେବେ ସେହି ଆହତ ବ୍ୟକ୍ତି ଅନ୍ୟ ଆହତ ବ୍ୟକ୍ତି ଆଡ଼କୁ ଇଙ୍ଗିତ କଲା ଯେ, ଆଗ ଅମକ ବ୍ୟକ୍ତିକୁ ଜଳ ପାନ କରାଇ ଦିଅ । ସେହି ବ୍ୟକ୍ତିକୁ ମୋ ଅପେକ୍ଷା ଅଧିକ ସାହାଯ୍ୟ ଅର୍ଥାତ୍ ଜଳର ଆବଶ୍ୟକତା ରହିଛି । ସେହିପରି ସେ ଯେଉଁ ସିପାହୀ ପାଖକୁ ଯାଉଥିଲେ ଆହତ ବ୍ୟକ୍ତି ତାଙ୍କୁ ଅନ୍ୟ ଆହତ ବ୍ୟକ୍ତି ନିକଟକୁ ପ୍ରେରଣ କରିଦେଉଥିଲା ଏବଂ ସେହି ଜଳକୁ କେହି ପାନ କରୁ ନଥିଲା । ଯେତେବେଳେ ସେହି ମୁସଲମାନ ବ୍ୟକ୍ତି ଶେଷ ଆହତ ବ୍ୟକ୍ତି ପାଖରେ ପହଞ୍ଚିଲା ସେତେବେଳକୁ ସେହି ଆହତ ମୁସଲମାନ ବ୍ୟକ୍ତିର ମୃତ୍ୟୁ ଘଟି ସାରିଥିଲା । ପୁନଶ୍ଚ ସେହି ମୁସଲମାନ ବ୍ୟକ୍ତି ଯେତେବେଳେ ଅନ୍ୟ ଆହତ ବ୍ୟକ୍ତି ପାଖରେ ପହଞ୍ଚିଲା ଏପର୍ଯ୍ୟନ୍ତକି ସେ ଇକ୍ରମା ପର୍ଯ୍ୟନ୍ତ ପହଞ୍ଚିଲା ସେତେବେଳକୁ ଇକ୍ରମା ଓ ଅନ୍ୟମାନେ ସମସ୍ତେ ମୃତ୍ୟୁବରଣ କରି ସାରିଥିଲେ । **(ପ୍ରତ୍ୟେକ ଅହମଦି ମହିଳା ଅହମଦିୟତ୍‌ର ଜୀବନ୍ତ ନିଦର୍ଶନ ଅଟେ, ଅନ୍‌ୱାରୁଲ୍ ଉଲୁମ୍, ଭାଗ-26, ପୃ-230-231)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଦାୱତେ ଇଲଲ୍ଲାଃ ନିମନ୍ତେ କେତେକ ବଡ଼ ବଡ଼ ପିତୁଳାକୁ ଭୂମିସାତ୍ କରିବା ନିମନ୍ତେ ଆଁହଜରତ୍ ସ.ଅ ଏକ ସୈନ୍ୟବାହିନୀ ନିଯୁକ୍ତ କରିଥିଲେ । ସେହି ସୈନ୍ୟବାହିନୀକୁ ଆପଣ ସ.ଅ ଉକ୍ତ କାର୍ଯ୍ୟ ସକାଶେ ପ୍ରେରଣ କରିଥିଲେ । ଉକ୍ତ ଘଟଣାର ଚର୍ଚ୍ଚା ଏହିପରି ମିଳେ ଯେ, ମକ୍କା ବିଜୟ ପରେ ନବୀ କରୀମ୍ ସ.ଅ ବିଭିନ୍ନ ସ୍ଥାନ ଆଡ଼କୁ ନିଜର ସୈନ୍ୟବାହିନୀକୁ ପ୍ରେରଣ କଲେ । ମୂଳତଃ ଏହି ସୈନ୍ୟଟୁକୁଡ଼ିଗୁଡ଼ିକ ଯୁଦ୍ଧ ଏବଂ ସଂଗ୍ରାମ ନିମନ୍ତେ ଉଦ୍ଦିଷ୍ଟ ନଥିଲା । ଏହି ସୈନ୍ୟବାହିନୀର ଉଦ୍ଦେଶ୍ୟ ଦାୱତେ ଇଲଲ୍ଲାଃର ସନ୍ଦେଶ ପହଞ୍ଚାଇବା ଥିଲା ଏବଂ କେତେକ ସ୍ଥାନରେ ଯେଉଁ ମୂର୍ତ୍ତିଗୁଡ଼ିକ ସ୍ଥାପିତ ହୋଇଥିଲା ସେହି ମୂର୍ତ୍ତିଗୁଡ଼ିକୁ ଭୂମି ଉପରେ ଖସାଇ ପକାଇ ଦେବା ନିମନ୍ତେ ଉକ୍ତ ସୈନ୍ୟବାହିନୀ ଉଦ୍ଦିଷ୍ଟ ଥିଲା । ଏହି ମୂର୍ତ୍ତିଗୁଡ଼ିକ ଏକେଶ୍ୱରଙ୍କ ଉପରେ ବିଶ୍ୱାସ ଆଣିବା ନିମନ୍ତେ ପ୍ରତିବନ୍ଧକ ସାଜି ଥିଲେ । ଆରବର ଅନେକ ହୃଦୟରେ 3 ଠାକୁରଙ୍କ ମର୍ଯ୍ୟାଦା ବେଶ୍ ଅଧିକ ରହିଥିଲା । ସେହି ତିନି ଠାକୁର ବା ଦେବତା ତଥା ତ୍ରିମୂର୍ତ୍ତିର ନାମ ଯଥାକ୍ରମେ ହେଲା-ଲାତ୍, ମନାତ୍ ଓ ଉଜ୍ଜା ।

**ଲାତ୍:** ଏହି ମୂର୍ତ୍ତି ଏକ ଦେବୀ ଅଟେ । ଏହି ଦେବୀ ତାଏଫ୍‌ରେ ଅବସ୍ଥିତ ଥିଲା । ଉକ୍ତ ଦେବୀଙ୍କ ପ୍ରତି ସମଗ୍ର ଆରବବାସୀ ସମ୍ମାନ ପ୍ରଦର୍ଶନ କରୁଥିଲେ ଏବଂ ଉପାସନା ମଧ୍ୟ କରୁଥିଲେ । ଲୋକମାନେ ଉକ୍ତ ଦେବୀର ନାମ ନେଇ ରାଣ ଖାଉଥିଲେ ଏବଂ ଉକ୍ତ ଦେବୀଙ୍କ ପାଖରେ ଭୋଗ ଚଢାଉଥିଲେ । ଅମ୍ର ବିନ୍ ଲୁହଇ ଯେକି ଆରବରେ ପିତୁଳା ପୂଜାର ମୁଖ୍ୟ ପୂରୋଧା ବୋଲି ମନେ କରାଯାଉଥିଲା, ସେ ଲୋକମାନଙ୍କ ମନରେ ଏହି ଧାରଣ ଜାତ କରାଇଲା କି ଅଲ୍ଲାଃତାଲା ନାଉଜୁବିଲ୍ଲାଃ ଶୀତ ଋତୁରେ ତାଏଫର ଲାତ୍ ଦେବୀଙ୍କ ନିକଟରେ ଏବଂ ଗ୍ରୀଷ୍ମ ଋତୁରେ ଉଜ୍ଜା ନିକଟରେ କାଳାତିପାତ କରିଥାଆନ୍ତି ।

**ମନାତ୍:** ଏହି ଦେବତା ଆରବର ସର୍ବ ପୁରାତନ ଦେବତା ଥିଲା । ଏହି ଦେବତା ସମୁଦ୍ର ଉପକୂଳରେ କୁଦୈଦ୍ ନାମକ ସ୍ଥାନରେ ମକ୍କା ଓ ମଦିନା ମଧ୍ୟବର୍ତ୍ତୀ ସ୍ଥାନରେ ଅବସ୍ଥିତ ଥିଲା । ଆରବବାସୀମାନେ ଉକ୍ତ ଦେବତା ପ୍ରତି ସମ୍ମାନ ପ୍ରଦର୍ଶନ କରୁଥିଲେ ଏବଂ ଉକ୍ତ ଦେବତା ସମ୍ମୁଖରେ ବଳି ଇତ୍ୟାଦ ଦେଉଥିଲେ । ୱସ୍ ଓ ଖଜ୍‌ରଜ୍ ସଂପ୍ରଦାୟ ବିଶେଷ ରୂପେ ଉକ୍ତ ଦେବତା ପ୍ରତି ସମ୍ମାନ ପ୍ରଦର୍ଶନ କରୁଥିଲେ ଏବଂ ମନାତ୍ ନାମକ ସ୍ଥାନରେ ଏହରାମ୍ ବାନ୍ଧୁଥିଲେ । ଉକ୍ତ ଦେବତାଙ୍କ ମର୍ଯ୍ୟାଦାକୁ ଦୃଷ୍ଟିରେ ରଖି ୱସ୍ ଓ ଖଜରଜ୍ ସଂପ୍ରଦାୟମାନେ ମର୍‌ୱା ମଧ୍ୟବର୍ତ୍ତୀ ସ୍ଥାନରେ ସଇ (ଧାବନ, ଦଉଡ଼ିବା) ମଧ୍ୟ କରୁ ନଥିଲେ । ଏହି ସଂପ୍ରଦାୟ ଦ୍ୱୟ ଯେତେବେଳେ ହଜ୍ କରୁଥିଲେ ସେତେବେଳେ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

ସେମାନେ ନିଜର କେଶ ମୁଣ୍ଡନ କରୁ ନଥିଲେ । ବରଂ ଫେରିବା ସମୟରେ ମନାତ୍ ପାଖକୁ ଆସୁଥିଲେ ଏବଂ ଏଠାକୁ ଆସି ନିଜର କେଶ ମୁଣ୍ଡନ କରୁଥିଲେ, ଏଠାରେ ଅବସ୍ଥାନ କରୁଥିଲେ । ତେଣୁ ଏଠାରେ ଯେପର୍ଯ୍ୟନ୍ତ କେଶ ମୁଣ୍ଡନ କରାଯାଉ ନଥିଲା ସେପର୍ଯ୍ୟନ୍ତ ହଜ୍ ସଂପୂର୍ଣ୍ଣ ବୋଲି ମନେ କରାଯାଉ ନଥିଲା ।

**ଉଜ୍ଜା:** ଏହି ଦେବତା କୁରେଶ୍‌ମାନଙ୍କର ସର୍ବ ବୃହତ୍ ଦେବାତା ଥିଲା । ଏହି ଦେବତା ନଖ୍‌ଲା ନିକଟବର୍ତ୍ତୀ ସ୍ଥାନରେ ପୋତା ହୋଇଥିଲା । କୁରେଶ୍‌ମାନେ ଏକ ବଳିର ସ୍ଥାନ ମଧ୍ୟ ନିର୍ମାଣ କରିଥିଲେ । ଉକ୍ତ ସ୍ଥାନରେ ସେମାନେ ନିଜ ଜୀବର ବଳୀ ଦେଉଥିଲେ । ଲୋକମାନେ ଉକ୍ତ ଦେବତାର ନାମାନୁଯାୟୀ ନିଜ ଲୋକଙ୍କ ନାମକରଣ କରୁଥିଲେ ଏବଂ ଉକ୍ତ ଦେବତାଙ୍କ ରାଣ ଖାଉଥିଲେ । ଅମ୍ର ବିନ୍ ଲୁହଇ ଯିଏ ଆରବରେ ପିତୁଳା ବା ପ୍ରତିମା ପୂଜାର ସଂସ୍ଥାପକ ବୋଲି ମନେ କରାଯାଉଥିଲେ ସେ ଲୋକମାନଙ୍କ ମନରେ ପିତୁଳା ପ୍ରତି ଥିବା ଯେଉଁ କୁଧାରଣା ରହିଥିଲା ଏବଂ ଅନ୍ଧ ବିଶ୍ୱାସ ସୃଷ୍ଟି ହୋଇଯାଇଥିଲା ସେହି କୁଧାରଣା ଏବଂ ଅନ୍ଧବିଶ୍ୱାସ ଯୋଗୁଁ ଲୋକମାନେ ଉକ୍ତ ପିତୁଳାକୁ ବହୁତ ଭୟ କରୁଥିଲେ ଏବଂ ଉକ୍ତ ଦେବତା ପ୍ରତି ସମ୍ମାନ ପ୍ରଦର୍ଶନ କରୁଥିଲେ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଯେପରିକି ମୁଁ ପୂର୍ବେ ବର୍ଣ୍ଣନା କରିଛି ଯେ, କୁରେଶ୍‌ମାନଙ୍କ ଧାରଣାରେ ଅଲ୍ଲାଃତାଲା **ନାଉଜୁବିଲ୍ଲାଃ** ବିଭିନ୍ନ ଋତୁରେ ଏହି ପିତୁଳା ପାଖରେ ସମୟ ଅତିବାହିତ କରୁଥିଲେ । ସେ ଯାହା ହେଉ ଏହିପରି ବିଶ୍ୱାସ ଏବଂ ଏହିପରି ଧାରଣା ଉଜ୍ଜା ଦେବାଙ୍କ ପ୍ରତି ମର୍ଯ୍ୟାଦା ଏତେ ମାତ୍ରାରେ ଲୋକମାନଙ୍କ ମନରେ ସୃଷ୍ଟି କରିଦିଆଗଲା ଯେ, ଯେପରି କାଆବା ଆଡ଼କୁ ଲୋକମାନେ ଉପହାର ଓ ଭେଟି ଆଣୁଥିଲେ ଠିକ୍ ସେହିପରି ଭେଟି ତଥା ଉପହାର ଲୋକମାନେ ଉଜ୍ଜା ଦେବତା ଆଡ଼କୁ ନେଇ ଯିବାକୁ ଲାଗିଲେ । ଉଜ୍ଜା ହେଉଛି ସେହି ପିତୁଳା ବା ଠାକୁର ଯେଉଁ ପିତୁଳାର ଓହୋଦ୍ ଯୁଦ୍ଧ ଅବସରରେ ଅବୁ ସୁଫିୟାନ୍ ବିଜୟ ଖୁସିରେ ନାମୋଚ୍ଚାରଣ କରି କହିଥିଲା, إِنَّ لَنَا الْعُزَّىٰ وَلَا عُزَّىٰ لَكُمْ । ଅର୍ଥାତ୍ ହେ ମୁସଲମାନମାନେ ! ଆମମାନଙ୍କ ସକାଶେ ଉଜ୍ଜା ଦେବତା ଅଛନ୍ତି ଏବଂ ତୁମମାନଙ୍କ ନିମନ୍ତେ କୌଣସି ଉଜ୍ଜା ଦେବତା ନାହାନ୍ତି । ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଏହିପରି ଭାବରେ ଆରବବାସୀମାନେ ସାଧାରଣତଃ ଏହି ତିନି ଠାକୁର ବା ଏହି ତିନି ଦେବାତମାନଙ୍କୁ ଅର୍ଥାଦ୍ ଲାତ୍, ମାନତ୍ ଓ ଉଜ୍ଜା ଦେବତାକୁ ପୂଜା କରୁଥିଲେ । ସେହିପରି ଏହି ତିନି ଠାକୁରଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରୁଥିଲେ । କିନ୍ତୁ ଉଜ୍ଜା ଦେବତା କୁରେଶ୍‌ମାନଙ୍କ ନିମନ୍ତେ ବିଶେଷିତ (ଉଦ୍ଦିଷ୍ଟ) ଥିଲା। ଲାତ୍ ବନୁ ସକିଫ୍ ନିମନ୍ତେ ବିଶେଷିତ ଥିଲା ଓ ମନାତ୍ ଖଜ୍‌ରଜ୍ ସଂପ୍ରାଦୟ ନିମନ୍ତେ ବିଶେଷିତ (ଉଦ୍ଦିଷ୍ଟ) ଥିଲା । ଆରବବାସୀମାନଙ୍କ ଧାରଣା ଅନୁଯାୟୀ ଏହି ତିନି ଠାକୁରମାନେ ଦେବୀ ଥିଲେ । **(ଅଲ୍ ଲୁ ଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଭାଗ-9, ପୃ-202-203, 207 ଦାରୁସ୍ ସଲାମ୍) (ଅଲ୍ ଲୁ ଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଭାଗ-1, ପୃ-346, ଦାରୁସ୍ ସଲାମ୍) (ଇସଲାମ୍ ଧର୍ମ ଆଗମନ ପୂର୍ବେ ଆରବ୍ୟମାନଙ୍କର ଧାରଣା, ଲେଖକ-ଉବୈଦୁଲ୍ଲାଃ କୁଦ୍‌ସୀ, ପୃ-52-55) (ସିରତ୍ ଇବନେ ହିସ୍ସାମ୍, ପୃ-77, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍) (ସହି ବୁଖାରୀ, କିତାବୁଲ୍ ଜିହାଦ୍, ବାବ୍- ମା ୟକ୍‌ରହୁ ମିନତ୍ ତନାଜିଆ........ହଦିସ୍ ନଂ-3039)**

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଏହି ତିନି ଦେବାତାଙ୍କ ସଂପର୍କରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ଚର୍ଚ୍ଚା କରିଛନ୍ତି । ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି:

أَفَرَأَيْتُمُ اللَّاتَ وَالْعُزَّىٰ ﴿٢٠﴾ وَمَنَاةَ الثَّالِثَةَ الْأُخْرَىٰ ﴿٢١﴾ أَلَكُمُ الذَّكَرُ وَلَهُ الْأُنثَىٰ ﴿٢٢﴾ تِلْكَ إِذًا قِسْمَةٌ ضِيزَىٰ ﴿٢٣﴾ إِنْ هِيَ إِلَّا أَسْمَاءٌ سَمَّيْتُمُوهَا أَنتُمْ وَآبَاؤُكُم مَّا أَنزَلَ اللَّهُ بِهَا مِن سُلْطَانٍ ۚ إِن يَتَّبِعُونَ إِلَّا الظَّنَّ وَمَا تَهْوَى الْأَنفُسُ ۖ وَلَقَدْ جَاءَهُم مِّن رَّبِّهِمُ الْهُدَىٰ ﴿٢٤﴾

**(ଅନ୍ ନଜମ୍:20-24)**

ଅର୍ଥାତ୍ ତୁମେମାନେ ମଧ୍ୟ ଲାତ୍ ଓ ଉଜ୍ଜା ବିଷୟରେ ବର୍ଣ୍ଣନା କର (କ'ଣ ସେହି ବିଗ୍ରହମାନଙ୍କର ମଧ୍ୟ ଏହିପରି ମର୍ଯ୍ୟାଦା ଥିଲା ?) ଏବଂ ଏତଦ୍‌ବ୍ୟତୀତ ତୃତୀୟ ଠାକୁର ମନାତ୍ ବିଷୟ ମଧ୍ୟ । କ'ଣ ତୁମମାନଙ୍କ ପାଇଁ ପୁତ୍ର ଓ ଅଲ୍ଲାଃତାଲାଙ୍କ ପାଇଁ କନ୍ୟା ରହିଛନ୍ତି । ଏହା ତ' ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ ବିଭାଜନ । ଏଗୁଡ଼ିକ କେବଳ କେତେକ ନାମ ମାତ୍ର ଯାହା ତୁମେମାନେ ଏହା ତୁମମାନଙ୍କର ପିତୃପିତାମହମାନେ ରଖିଅଛ। ନହେଲେ ଏଥିରେ କୌଣସି ବାସ୍ତବତା ଓ ସତ୍ୟତା ନାହିଁ । ଅଲ୍ଲାଃତାଲା ଏହି ବିଗ୍ରହମାନଙ୍କ ପାଇଁ କୌଣସି ପ୍ରମାଣ ଅବତୀର୍ଣ୍ଣ କରି ନାହାନ୍ତି । ସେମାନେ କେବଳ ଏକ ସନ୍ଦେହର ଓ ଇନ୍ଦ୍ରୀୟ ଅଭିଳାଷର ଅନୁସରଣ କରୁଅଛନ୍ତି ଏବଂ ସେମାନଙ୍କ ନିକଟକୁ ସେମାନଙ୍କ ପାଳନକର୍ତ୍ତାଙ୍କ ଠାରୁ ସତ୍‌ପଥ ଆସି ଯାଇଅଛି । ତଥାପି ସେମାନେ ବୁଝିପାରୁ ନାହାନ୍ତି।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ସେ ଯାହା ହେଉ ଯେପରିକି ମୁଁ ବର୍ଣ୍ଣନା କରିଛି ଯେ, ମକ୍କା ବିଜୟର ତୁରନ୍ତ ପରେ ନବୀ କରୀମ୍ ସ.ଅ ପିତୁଳାମାନଙ୍କର ଠିକଣାଗୁଡ଼ିକୁ ଭୂମିସାତ୍ କରିବା ନିମନ୍ତେ ଆଦେଶ ଦେଇଥିଲେ । କାରଣ ଲୋକମାନଙ୍କର ହୃଦୟରୁ ସେହି ପ୍ରତିମାଗୁଡ଼ିକ ସଂପର୍କରେ ଯେଉଁ କୃତ୍ରିମ ଭୟ ଏବଂ ମର୍ଯ୍ୟାଦା ରହିଛି ତାହା ସମାପ୍ତ ହୋଇଯାଉ । ଏହି ତାତ୍ତ୍ୱିକପୂର୍ଣ୍ଣ ନିଷ୍ପତ୍ତି ବେଶ୍ କଲ୍ୟାଣମୟ ସାବ୍ୟସ୍ତ ହେଲା। କାରଣ ସେହି ମୂର୍ତ୍ତିଗୁଡ଼ିକୁ ଧୂଳିସାତ୍ କରିବା ଦ୍ୱାରା ଲୋକମାନଙ୍କ ମନରୁ ସେହି ମୂର୍ତ୍ତିର ଯେଉଁ ମିଛ ଭୟ ଏବଂ ଡର ରହିଥିଲା ତାହା ସମାପ୍ତ ହୋଇଗଲା । ସେମାନଙ୍କୁ ଏହି ବିଶ୍ୱାସ ହେବାକୁ ଲାଗିଲା ଯେ, ସେହି ଏକେଶ୍ୱରବାଦଙ୍କ ଧାରଣା ହିଁ ସଠିକ୍ ଅଟେ ଯେଉଁ ଏକେଶ୍ୱରବାଦ ସଂପର୍କରେ ମୁହମ୍ମଦ୍ ସ.ଅ ଉପସ୍ଥାପିତ କରିଛନ୍ତି । ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ସେହି ବିଗ୍ରହ ବା ମୂର୍ତ୍ତିଗୁଡ଼ିକୁ ଭୂମିସାତ୍ କରାଗଲା, କିପରି ସେହି ସ୍ଥାନଗୁଡ଼ିକୁ ଭୂମିସାତ୍ କରାଗଲା ଏବଂ ଏହାର ପ୍ରତିକ୍ରିୟା କ'ଣ ହେଲା? ପ୍ରାରମ୍ଭରେ କୌଣସି ବିରୋଧ ହେଲା ନାହିଁ । ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଏହାର ଅବଶିଷ୍ଟାଂଶ ଘଟଣାବଳୀ **ଇନ୍‌ଶାଅଲ୍ଲାଃ** ପରବର୍ତ୍ତୀ ଖୁତ୍‌ବାରେ ବର୍ଣ୍ଣନା କରିବି । ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କର ନମାଜ ଯନାଜାଃ ପାଠ କରାଇବି । ସେହି ଯନାଜାଃ ମଧ୍ୟରୁ ପ୍ରଥମ ଯନାଜାଃ ହେଲା ଚୌଧୁରୀ ଗୁଲାମ୍ କାଦିର୍ ସାହେବଙ୍କ ସୁପୁତ୍ର ଚୌଧୁରୀ ଅବ୍‌ଦୁଲ୍ ଗଫୁର୍ ସାହେବଙ୍କର ଅଟେ । ଆପଣଙ୍କ ବାସ ସ୍ଥାନ ହେଉଛି ପାକିସ୍ତାନର ଜାମ୍‌ଶୋରୋ ହାଇଦ୍ରାବାଦ୍ । ବିଗତ ଦିନମାନଙ୍କରେ 92 ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُونَ ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ସ୍ୱର୍ଗତ ଅବ୍‌ଦୁଲ୍ ଗଫୁର୍ ସାହେବ ଜମିଦାର ପରିବାରର ବ୍ୟକ୍ତି ଥିଲେ । ବୁଡ୍‌ଢା କୋଟ୍ଟୁ ଠାକୁ 1900 ମସିହାର ପ୍ରଥମ ଦଶକରେ ଅହମଦିୟାଁ ସ୍ଥାନାନ୍ତରିତ ହୋଇଥିଲେ । ଆପଣଙ୍କ ପିତାଶ୍ରୀ ଜମାଅତ୍ ଓ ଖିଲାଫତ୍ ପ୍ରତି ଥିବା ଆନ୍ତରୀକତା ଯୋଗୁଁ ଆପଣଙ୍କୁ ସର୍ବୋଚ୍ଚ ଧାର୍ମିକ ଏବଂ ସାଂସାରିକ ଶିକ୍ଷା ନିମନ୍ତେ 1942 ମସିହାରେ କାଦିୟାନ୍ ପ୍ରେରଣ କରିଥିଲେ । କାଦିୟାନରେ ଚୌଧୁରୀ ସାହେବ ପାକିସ୍ତାନ ପ୍ରବାସ ପର୍ଯ୍ୟନ୍ତ ଶିକ୍ଷା ପ୍ରାପ୍ତ କରିଥିଲେ ଏବଂ ସେଠାରେ ବରିଷ୍ଠ ବ୍ୟକ୍ତି ତଥା ସାହାବାମାନଙ୍କ ପୁଣ୍ୟ ସାହଚର୍ଯ୍ୟତ୍ୱରୁ ଆପଣ ଉପକୃତ ହୋଇଥିଲେ। ଏଠାକୁ ଆସିବା ପରେ ପୁନଶ୍ଚ ଅବଶିଷ୍ଟ ଶିକ୍ଷା ଚୌଧୁରୀ ସାହେବ ଚିନିଓଟ୍ ଏବଂ ରବ୍‌ୱାରା ପ୍ରାପ୍ତ କରିଥିଲେ । ତତ୍ପରେ ସେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ୟୁଗାଣ୍ଡାରେ ଦୁଇ ବର୍ଷ ପର୍ଯ୍ୟନ୍ତ ଏକ ପ୍ରକଳ୍ପରେ ସେବା କରିବାକୁ ଆପଣଙ୍କୁ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ଆପଣ ଜମାଅତ୍ ଅହମଦିୟାର ଜଣେ ସାହସୀ ସୁପୁତ୍ର ଥିଲେ । ମାନବ ସେବାକୀରୀ, ପ୍ରଶସ୍ତ ହୃଦୟର ଅଧିକାରୀ ଥିଲେ । ନିରପେକ୍ଷ ଭାବରେ ସମସ୍ତ ଅଭାବିମାନଙ୍କର ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ବ୍ୟସ୍ତ ରହୁଥିଲେ । ଆର୍ଥିକ ବଳିଦାନ କରିବାରେ ମଧ୍ୟ ଆପଣ ସର୍ବଦା ନିମଜ୍ଜିତ ରହୁଥିଲେ । ଆପଣ ଅଞ୍ଚଳରେ କାଏଦ୍ ମଧ୍ୟ ରହିଛନ୍ତି । କାଏଦ୍‌ର ଦାୟିତ୍ୱ ତୁଲାଇଛନ୍ତି । ଆପଣ ଅନ୍‌ସାରୁଲ୍ଲାଃରେ ମଧ୍ୟ ଅନନ୍ୟ ସେବା କରିଛନ୍ତି । ଆପଣ ଦୀର୍ଘକାଳ ଧରି ହାଇଦ୍ରାବାଦର ସେକ୍ରେଟାରୀ ଉମୁରେ ଆମ୍ମା ମଧ୍ୟ ରହିଛନ୍ତି । ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ତାଙ୍କୁ ନୱାବ୍‌ଶାହ୍ ଜିଲ୍ଲାର ନୌସେହେର୍‌ପୁର ଓ ଫିରୋଜପୁର୍‌ର ଅମୀର୍ ଭାବରେ ନିଯୁକ୍ତ କରିଥିଲେ। ଉକ୍ତ ଦାୟିତ୍ୱକୁ ଆପଣ ଅତ୍ୟନ୍ତ ପରିଶ୍ରମର ସହକାରେ ସମ୍ପାଦନ କରିଥିଲେ । ସ୍ୱର୍ଗତ ଚୌଧୁରୀ ଅବ୍‌ଦୁଲ୍ ଗଫୁର୍ ସାହେବ ଓସିୟତ୍ କରିଥିଲେ । ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ମଧ୍ୟରେ ତିନି ପୁତ୍ର ଏବଂ 5 ଜଣ କନ୍ୟା ସନ୍ତାନ ରହିଛନ୍ତି ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ତାଙ୍କର ହମିରାହ୍ ସାହେବା ନାମକ ଜଣେ କନ୍ୟା କୁହନ୍ତି ଯେ, ମାନବସେବାକୁ ସେ ନିଜର ବ୍ୟାଙ୍କ୍ ବାଲାନ୍‌ସ୍ ବୋଲି ବିବେଚିତ କରୁଥିଲେ। ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତିର ମାଧ୍ୟମ ଉପରେ ସେ ବିଶ୍ୱାସ ରଖୁଥିଲେ। ଅସଂଖ୍ୟ ଅହମଦିମାନେ ଏବଂ ଅଣଅହମଦିମାନେ ଏପରି ଅଛନ୍ତି ଯେଉଁମାନଙ୍କର ଅଭାବ ଅସୁବିଧା ସ୍ୱର୍ଗତ ଚୌଧୁରୀ ସାହେବଙ୍କ ମାଧ୍ୟମରେ ପୂରଣ ହୋଇଥିଲା । ଆପଣ ନିରପେକ୍ଷ ଭାବରେ ଯାତ୍ରୀ, ରୋଗୀ, ନିଃସହାୟ ଲୋକମାନଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ କରୁଥିଲେ ସେମାନଙ୍କର ଯତ୍ନ ମଧ୍ୟ ନେଉଥିଲେ । ଆପଣ ବଡ଼ ବଡ଼ ଅର୍ଥରାଶି ମଧ୍ୟ ଅଭାବି ଲୋକମାନଙ୍କୁ ଦେଇ ଦେଉଥିଲେ । ଜମାଅତ୍ ସକାଶେ ଆର୍ଥିକ ବଳିଦାନ କରିବାର ଯେଉଁ ଉତ୍ସାହ ରହିଥିଲା ତାହା ଆପଣଙ୍କ ମଧ୍ୟରେ ବିଦ୍ୟମାନ ରହିଥିଲା । ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ ଯେତେବେଳେ ସତବାର୍ଷିକ ଜୁବ୍‌ଲୀ ପାଳନ କରିବା ନିମନ୍ତେ ଜମାଅତ୍‌କୁ ଆହ୍ୱାନ ଦେଲେ ସେତେବେଳେ ଚୌଧୁରୀ ସାହେବ ତୁରନ୍ତ ଲବ୍‌ବୈକ (ଉପସ୍ଥିତ ଅଛି) କହି ତା' ଆର ଦିନ ରବ୍‌ୱାରେ ନିଜର ବାସ ଭବନକୁ ବିକ୍ରି କରି ଦେଇଥିଲେ ଓ ଉକ୍ତ ବିକ୍ରି ରାଶିକୁ ସେ ଉକ୍ତ ପାଣ୍ଠିରେ ଦେଇଦେଲେ ।

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅଙ୍କ ଖିଲାଫତ୍ ପରେ 1966 ମସିହାରେ ଯେତେବେଳେ ସିନ୍ଧ୍‌ର ଗସ୍ତ କଲେ ସେତେବେଳେ ହାଇଦ୍ରାବଦ୍‌ରୁ ତାଙ୍କ ଘର କୋଟ୍ ଅହମଦିୟାଁ ମଧ୍ୟ ଗଲେ। ପୁନଶ୍ଚ 1981 ମସିହାରେ ରବ୍‌ୱାରେ ଯେତେବେଳେ କସ୍ରେ ଖିଲାଫତ୍ ନିର୍ମାଣ ହେଉଥିଲା ସେତେବେଳେ ତାଙ୍କୁ ସରକାରଙ୍କ ପକ୍ଷରୁ ଏକ ପ୍ରକଳ୍ପ ନିମନ୍ତେ ଆଫ୍ରିକା ପ୍ରେରଣ କରାଯାଇଥିଲେ ଏବଂ ତାଙ୍କ ପାଇଁ ଏହା ସୁବର୍ଣ୍ଣ ସୁଯୋଗ ଥିଲା । କିନ୍ତୁ ଯେତେବେଳେ ଆପଣ ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅଙ୍କ ସେବାରେ ପରାମର୍ଶ ନିମନ୍ତେ ଉପସ୍ଥିତ ହେଲେ ସେତେବେଳେ ଖଲିଫା ସାଲିସ୍ କହିଲେ, ଚୌଧୁରୀ ସାହେବ ଆପଣ ସେଠାକୁ (ଅଫ୍ରିକା) ଯାଆନ୍ତୁ ନାହିଁ । ସେହି ପ୍ରକଳ୍ପକୁ ଛାଡ଼ିଦିଅନ୍ତୁ, ଏଠାରେ ମୋର କସ୍ରେ ଖିଲାଫତ୍ (ଖିଲାଫତ୍ ଭବନ) ନିର୍ମାଣ ହେଉଅଛି, ତା'ର ଛାତ ପଡ଼ୁଛି ତେଣୁ ଏହି ଛାତର ଢଳେଇ କାର୍ଯ୍ୟକୁ ଆପଣ ତଦାରଖ କରନ୍ତୁ । ସୁତରାଂ ତା' ଆର ଦିନ ଚୌଧୁରୀ ସାହେବ କାମ ସମ୍ଭାଳି ନେଲେ ଏବଂ ସେହିଠାରେ ହିଁ ଆପଣ ରହିଲେ । କିନ୍ତୁ ଅଲ୍ଲାଃତାଲା ମଧ୍ୟ ତାଙ୍କୁ ପୁରସ୍କୃତ କଲେ । ଏତଦ୍‌ପରେ ଯେତେବେଳେ ଆପଣ ଆଫ୍ରିକାକୁ ନିଜର ଛୁଟି ସାରି ଫେରିଲେ ସେତେବେଳେ ସରକାରଙ୍କ ପକ୍ଷରୁ ସେହି କଣ୍ଟ୍ରାକ୍ଟ୍ ତାଙ୍କୁ ପୁଣିଥରେ ମିଳିଗଲା । ସ୍ୱର୍ଗତ ଚୌଧୁରୀ ଅବ୍‌ଦୁଲ୍ ଗଫୁର୍ ସାହେବ କୁହନ୍ତି: "ଏହି ସମସ୍ତ ପ୍ରସଙ୍ଗ କେବଳ ଖିଲାଫତ୍‌ର କଲ୍ୟାଣ ଦ୍ୱାରା ହିଁ ସମ୍ଭବପର ହୋଇ ପାରିଛି ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ ଏବଂ ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ସହିତ ମଧ୍ୟ ଆପଣଙ୍କର ଅର୍ଥାତ୍ ସ୍ୱର୍ଗତ ଚୌଧୁରୀ ସାହେବଙ୍କର ସୁସଂପର୍କ ଥିଲା । ଏହି ଖଲିଫା ଦ୍ୱୟ ମଧ୍ୟ ସ୍ୱର୍ଗତ ଚୌଧୁରୀ ସାହେବଙ୍କ ଘରକୁ ଆସୁଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ମୁଁ ଯେତେବେଳେ ପାକିସ୍ତାନରେ ଥିଲି ସେତେବେଳେ ମଧ୍ୟ ମୋତେ ତାଙ୍କ ଘରକୁ ଯିବାର ସୁଯୋଗ ମିଳିଥିଲା ଏବଂ ତାଙ୍କ ଘରେ ରହିବାର ମଧ୍ୟ ସୁଯୋଗ ପ୍ରାପ୍ତ ହୋଇଥିଲା । ସ୍ୱର୍ଗତ ଚୌଧୁରୀ ସାହେବ ଜଣେ ଅତିଥି ସତ୍କାରକ ବ୍ୟକ୍ତି ଥିଲେ । କେବଳ ସେତିକି ନୁହେଁ ବରଂ ଏକଦା ତ' ମୋତେ ରାତ୍ର ସମୟରେ ଯାତ୍ରା କରିବାକୁ ପଡ଼ିଲା । ସିନ୍ଧ୍‌ରେ ମଧ୍ୟ ପରିସ୍ଥିତି ଠିକ୍ ନଥିଲା । ସେଠାରେ ପ୍ରବଳ ବର୍ଷା ହେଉଥିଲା ତେଣୁ ସେ କହିଲେ, ମୁଁ ତୁମକୁ ରାତିରେ ନେଇକି ଯିବି । ଝଡ଼ ତୋଫାନର ବର୍ଷା ହେଉଥିଲା । ଫଳତଃ ରାସ୍ତାଘାଟ ସବୁ ପାଣିରେ ବୁଡ଼ି ଯାଇଥିଲା । କିନ୍ତୁ ସେ ଯାହା ହେଉ ଚୌଧୁରୀ ସାହେବ ମୋତେ ନେଇଗଲେ । ଆମେମାନେ ରାତିରେ ଲକ୍ଷ୍ୟସ୍ଥଳରେ ପହଞ୍ଚିଲୁ । ଏତଦ୍‌ପରେ ମୁଁ ତାଙ୍କୁ କହିଲି, ଆପଣ ଆଜି ରାତି ଏଠାରେ ହିଁ ଯାପନ କରନ୍ତୁ, ସକାଳେ ଚାଲିଯିବେ। ଏକୁଟିଆ ଯାଆନ୍ତୁ ନାହିଁ । ସେ କହିଲେ, ନା ମୁଁ ରହିବି ନାହିଁ । ସ୍ୱର୍ଗତ ଚୌଧୁରୀ ସାହେବ ସେହି ମୁହୂର୍ତ୍ତରେ ହିଁ ନିଜ ଗାଡ଼ିରେ ବସିଲେ ଓ ରାତିରେ ହିଁ ବାହାରି ପଡ଼ିଲେ। ଆପଣ ଅତ୍ୟନ୍ତ ସାହସୀ ଏବଂ ବୀର ବ୍ୟକ୍ତି ଥିଲେ । ଅସୀରାନେ ରାହେ ମୌଲା (ଅଲ୍ଲାଃତାଲାଙ୍କ ନିମନ୍ତେ କାରାବରଣ ଦଣ୍ଡ କାଟୁଥିବା ବ୍ୟକ୍ତି)ଙ୍କ ନିମନ୍ତେ ମଧ୍ୟ ଆପଣଙ୍କ ସେବା ଅତୁଳନୀୟ ଥିଲା । ଆପଣ ଜେଲ୍‌ରେ ଯାଇ ପରିଚାଳନା କରୁଥିବା ଅଧିକାରୀଙ୍କ ସହିତ ସାକ୍ଷାତ୍ କରି ଏବଂ ସେମାନଙ୍କ ସହିତ ଯୋଗାଯୋଗ କରି ସେମାନଙ୍କ ନିମନ୍ତେ ସୁବିଧା ସୁଯୋଗର ବ୍ୟବସ୍ଥା କରୁଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମାନବ ସେବା କରିବାର ଯେଉଁ ଉତ୍ସାହ ରହିଥିଲା ତାହା ଆପଣଙ୍କ ମଧ୍ୟରେ ଠୁଳ ହୋଇ ରହିଥିଲା । ଆତ୍ମୀୟ ସ୍ୱଜନ ଏବଂ ସଂପର୍କୀୟମାନଙ୍କ, ଅଭାବିମାନଙ୍କର ଓ ଦରିଦ୍ରମାନଙ୍କର ଆପଣ ଯତ୍ନ ନେଉଥିଲେ। ତାଙ୍କର ସୁପୁତ୍ରୀ କୁହନ୍ତି: "ଆପଣ ଉପସ୍ଥିତ ଖଲିଫାଙ୍କର ପ୍ରତ୍ୟେକ ସ୍ୱର ଉପରେ ଲବ୍‌ବୈକ କହିଲାବାଲା ବ୍ୟକ୍ତି ଥିଲେ । ଆପଣଙ୍କର ପ୍ରତିଦିନର କଥୋପକଥନର ପ୍ରସଙ୍ଗ ଖିଲାଫତ୍ ହେଉଥିଲା । ସ୍ୱର୍ଗତ ଚୌଧୁରୀ ସାହେବଙ୍କ ସହିତ ଯେଉଁ ଅଣଅହମଦି ଲୋକମାନେ ସାକ୍ଷାତ୍ କରୁଥିଲେ ସେମାନେ ମଧ୍ୟ ପିତାଶ୍ରୀଙ୍କ ପୁଣ୍ୟ କର୍ମ ସଂପର୍କରେ ବେଶ୍ ଚର୍ଚ୍ଚା କରୁଥିଲେ। ଅଣଅହମଦିମାନଙ୍କ ଉପରେ ମଧ୍ୟ ସ୍ୱର୍ଗତ ଚୌଧୁରୀ ସାହେବ ସୁପ୍ରଭାବ ପକାଇ ପାରିଥିଲେ । ତାଙ୍କର ସାଙ୍ଗମାନଙ୍କର ପରିଧି ଅତ୍ୟନ୍ତ ବ୍ୟାପକ ଥିଲା । ଆପଣ ପ୍ରତ୍ୟେକ ସ୍ଥାନରେ ଜଣେ ଅହମଦି ହିସାବରେ ପରିଚିତ ହେଉଥିଲେ । ସରକାରୀ ଅଫିସର, ସିନ୍ଧର ଯେତେ ବଡ଼ ବଡ଼ ରାଜନୈତୀକ ପରିବାର ଥିଲେ ସେମାନଙ୍କ ସହିତ ମଧ୍ୟ ତାଙ୍କର ସୁସଂପର୍କ ଥିଲା । ଆପଣ ସେମାନଙ୍କୁ ସବୁବେଳେ ଜମାଅତ୍‌ର ଛପା ହୋଇଥିଲା ପବିତ୍ର କୁରଆନ୍ କରୀମ୍ ଉପସ୍ଥାପିତ କରୁଥିଲେ । ଆପଣ ମୁକ୍ତ ଭାବରେ ସେମାନଙ୍କୁ ଜମାଅତ୍‌ର ପରିଚୟ ପ୍ରଦାନ କରୁଥିଲେ । କେବଳ ସେତିକି ନୁହେଁ ବରଂ ଆପଣ ସେମାନଙ୍କୁ ଯଥାସମ୍ଭବ ରବ୍‌ୱା ମଧ୍ୟ ନେଇ ଆସୁଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ, ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । ସ୍ୱର୍ଗତଙ୍କ ସନ୍ତାନ ସନ୍ତତିକୁ ମଧ୍ୟ ସ୍ୱର୍ଗତଙ୍କ ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, **ଦ୍ୱିତୀୟ ଯନାଜାଃ** ହେଲା ସ୍ୱର୍ଗତ ମୁହମ୍ମଦ ଅଲୀ ସାହେବଙ୍କର । ଆପଣ ଫୈସ୍‌ଲାବାଦ ଜିଲ୍ଲାର ଚକ୍ 275 ଅନ୍ତର୍ଗତ କର୍ତ୍ତାରପୁରର ଅଧିବାସୀ ଥିଲେ । ଆପଣଙ୍କର ମଧ୍ୟ ବିଗତ ଦିନରେ 70 ବର୍ଷ ବୟସରେ ପରଲୋକ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ଅଲ୍ଲାଃତାଲାଙ୍କ କୃପାରୁ ଆପଣ ଓସିୟତ୍ କରିଥିଲେ । ସ୍ୱର୍ଗତଙ୍କ ତିନି ପୁତ୍ର ଏବଂ ପାଞ୍ଚଟି କନ୍ୟା ସନ୍ତାନ ରହିଛନ୍ତି । ସ୍ୱର୍ଗତଙ୍କ ଗୋଟିଏ ପୁତ୍ର ଲୌସାକା ଜ୍ୟାମ୍ବିୟାରେ ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି । ଆପଣ ଆଜିକାଲି ଏଠାରେ ଅର୍ଥାତ୍ ୟୁ.କେର ଜଲସା ସଲାନାରେ ସାମିଲ୍ ହେବା ନିମନ୍ତେ ଆସିଛନ୍ତି । ଏହି କାରଣରୁ ଆପଣ ପିତାଶ୍ରୀଙ୍କ ଯନାଜାଃରେ ସାମିଲ୍ ମଧ୍ୟ ହୋଇପାରିଲେ ନାହିଁ ।

ମୁବଲ୍ଲିଗ୍ ସିଲ୍‌ସିଲା ତାହିର୍ ଅହମଦ ସୈଫି ସାହେବ କୁହନ୍ତି : "ପିତାଶ୍ରୀଙ୍କ ବଂଶରେ ଅହମଦିୟତ୍‌ର ପ୍ରାରମ୍ଭ ଖିଲାଫତେ ସାନିୟାର ପ୍ରାରମ୍ଭିକ ଦିନମାନଙ୍କରେ ହୋଇଥିଲା। ଅର୍ଥାତ୍ ଯେତେବେଳେ ଆପଣଙ୍କ ଦଦା ମୁସା ସାହେବ ଅହମଦିୟତ୍ ସ୍ୱୀକାର କରି ଜମାଅତ୍‌ରେ ସାମିଲ୍ ହେଲେ ସେତେବେଳେ ତାଙ୍କ ବଂଶରେ ଅହମଦିୟତ୍ ପ୍ରାରମ୍ଭ ହୋଇଥିଲା । ପିତାଶ୍ରୀ ନମାଜ, ରୋଜାର ନିୟମାନୁବର୍ତ୍ତୀ ଥିଲେ, ନମାଜ ତହଜ୍ଜୁଦ୍‌ର ନିୟମାନୁବର୍ତ୍ତୀ, ପ୍ରସନ୍ନ ଏବଂ ନିରବ ସ୍ୱଭାବ, ମେଳାପୀ ପ୍ରିୟ, ମାନବ ସେବା ଦ୍ୱାରା ପରିପୂର୍ଣ୍ଣ, ସ୍ମିତହାସ୍ୟ ଦ୍ୱାରା ସମସ୍ତଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନକାରୀ ଜଣେ ପୁଣ୍ୟବାନ ଓ ଜଣେ ନିଷ୍ଠାପର ବ୍ୟକ୍ତି ଥିଲେ । ଖିଲାଫତ୍‌କୁ ଆପଣ ବହୁତ ଭଲ ପାଉଥିଲେ । ପ୍ରତ୍ୟେକ କାର୍ଯ୍ୟ ନିମନ୍ତେ ସେ ସର୍ବପ୍ରଥମେ ଖଲିଫାଙ୍କୁ ପତ୍ର ଲେଖି ଦୁଆ କରିବା ପାଇଁ କହୁଥିଲେ । ଜମାଅତୀୟ ଏବଂ ଧାର୍ମିକ ପ୍ରସଙ୍ଗରେ ନିରବତାପୂର୍ଣ୍ଣ ଅଂଶଗ୍ରହଣ କୁରଥିଲେ । ଯେତେବେଳେ ଏମ୍.ଟି.ଏର ଶୁଭାରମ୍ଭ ହେଲା ସେତେବେଳେ ତାଙ୍କ ଘରେ ଟି.ଭି ନଥିଲା । ହେଲେ ଏମ୍.ଟି.ଏର ଶୁଭାରମ୍ଭ ହେବା ମାତ୍ରେ ସେ ତୁରନ୍ତ ନିଜ ଘରେ ଟି.ଭି ଆଣିଲେ । କାରଣ ସେ ଉପସ୍ଥିତ ଖଲିଫାଙ୍କର ସ୍ୱରକୁ ସିଧାସଳଖ ଶୁଣି ପାରିବେ । ସେ କୁହନ୍ତି ଯେ, ମୋର ମନେ ନାହିଁ ଯେ, ଉପସ୍ଥିତ ଖଲିଫାଙ୍କ ତରଫରୁ ଏପରି କୌଣସି ଆହ୍ୱାନ ଦିଆଯାଇ ନଥିବ ଯେଉଁ ଆହ୍ୱାନରେ ପିତାଶ୍ରୀ ପ୍ରତିଦ୍ୱନ୍ଦ୍ୱିତ ରୂପେ ଅଂଶ ଗ୍ରହଣ କରି ନଥିବେ । ଅଣଅହମଦିମାନଙ୍କ ସହିତ ମଧ୍ୟ ପିତାଶ୍ରୀଙ୍କ ବାତ୍ସଲ୍ୟମୂଳକ ଆଚରଣ ରହିଥିଲା । ଅର୍ଥାତ୍ ଉତ୍ତମ ବ୍ୟବହାର ପ୍ରଦର୍ଶନ କରୁଥିଲେ । ଫ୍ୟାକ୍ଟ୍ରିରେ ଯେଉଁଠି ଆପଣ ଚାକିରୀ କରିଥିଲେ ସେଠାରେ ଅନେକ ଅଣଅହମଦି ଲୋକମାନଙ୍କୁ ପିତାଶ୍ରୀ ଚାକିରୀ କରାଇ ଦେଇଥିଲେ । କିନ୍ତୁ ଯେପରିକି କେତେକ ଅଣଅହମଦିମାନଙ୍କ ମଧ୍ୟରେ ସାମାନ୍ୟ ଯୋଗ୍ୟତା ଏବଂ ସାମର୍ଥ୍ୟତା ନାହିଁ କି ସେମାନେ କରିନେବେ । କିନ୍ତୁ ସ୍ୱର୍ଗତ ମୁହମ୍ମଦ୍ ଅଲୀ ସେହି ଅଣଅହମଦିମାନଙ୍କୁ ଫ୍ୟାକ୍ଟ୍ରିରେ ଚାକିରୀ କରାଇ ଦେବା ସତ୍ତ୍ୱେ ମଧ୍ୟ ସେହି ଅଣଅହମଦିମାନେ କୃତଜ୍ଞତା ପ୍ରକାଶ କରିବା ପରିବର୍ତ୍ତେ କୃତଘ୍ନତା ପ୍ରକାଶ କଲେ । ଏହି ଅଣଅହମଦିମାନେ ମୁହମ୍ମଦ ଅଲୀ ସାହେବଙ୍କ ବିରୁଦ୍ଧରେ ଫ୍ୟାକ୍ଟ୍ରିର ମାଲିକ ନିକଟରେ ଅଭିଯୋଗ କଲେ ଏବଂ ସ୍ୱର୍ଗତ ମୁହମ୍ମଦ ଅଲୀ ସାହେବଙ୍କୁ ଚାକିରୀରୁ ବାହାର କରିଦେବା ନିମନ୍ତେ ଚାପ ପକାଇଲେ । ସେ ଯାହା ହେଉ ସ୍ୱର୍ଗତଙ୍କୁ ଚାକିରୀରୁ ବାହାର କରିଦିଆଗଲା । କିନ୍ତୁ ସ୍ୱର୍ଗତ ମୁହମ୍ମଦ ଅଲୀ ସାହେବ କିଛି ପାଟିତୁଣ୍ଡ କଲେ ନାହିଁ । ଅଲ୍ଲାଃତାଲାଙ୍କ ନିକଟରେ ଗୁହାରି କଲେ ଏବଂ କିଛି କାଳ ପରେ ଫ୍ୟକ୍ଟ୍ରିର ମାଲିକ ତାଙ୍କୁ ସ୍ୱୟଂ ଡକାଇଲା ଏବଂ ସେହି ଫ୍ୟାକ୍ଟ୍ରିରେ ହିଁ ସେହି ପୋଜିଶନ୍‌ରେ ଆପଣଙ୍କୁ ପୁନଃ ନିଯୁକ୍ତ ପ୍ରଦାନ କଲା । କିନ୍ତୁ ଯେଉଁମାନେ ଏପରି ବ୍ୟବହାର ପ୍ରଦର୍ଶନ କରିଥିଲେ ସ୍ୱର୍ଗତ ମୁହମ୍ମଦ ଅଲୀ ସାହେବ ସେମାନଙ୍କ ପ୍ରତି ଅଶିଷ୍ଟ ତଥା ଅସଭ୍ୟ ବ୍ୟବହାର ପ୍ରଦର୍ଶନ କରିବା ପରିବର୍ତ୍ତେ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିଥିଲେ । ସ୍ୱର୍ଗତଙ୍କ ସୁପୁତ୍ର ମୁହମ୍ମଦ ଅଲୀ ସାହେବ କୁହନ୍ତି ଯେ, ତବଲିଗ୍ ଅପେକ୍ଷା ସ୍ୱର୍ଗତଙ୍କର ଉତ୍ତମ ବ୍ୟବହାର ହିଁ ସର୍ବାଧିକ ପ୍ରଭାବଶାଳୀ ଥିଲା । ଏହା ଯୋଗୁଁ ଫୈସଲାବାଦ ସହରର 8 ଜଣ ଲୋକମାନେ ଅହମଦିୟତ୍ ସ୍ୱୀକାର କରିଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । ସନ୍ତାନ ସନ୍ତତିମାନଙ୍କୁ ମଧ୍ୟ ସ୍ୱର୍ଗତଙ୍କର ପୁଣ୍ୟାବଳୀଗୁଡ଼ିକୁ ଜାରି ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।"

**(ଅଲ୍‌ଫଜଲ୍ ଇଣ୍ଟର୍ ନ୍ୟାସ୍‌ନଲ୍, 29 ଅଗଷ୍ଟ 2025 ମସିହା, ପୃ-2-6)**

☆--☆--☆

## ପୃ- 2ରେ ବର୍ଣ୍ଣିତ ତଫସିରର ଅବଶିଷ୍ଟାଂଶ....

ପଚାରିଲେ ଯେ, ହେ ଭିଣୋଇ ମହୋଦୟ କବାଟ **(ଅବଶିଷ୍ଟାଂଶ........ପୃ-10ରେ)**

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُونِ

(ଅଜ୍ ଜାରିୟାତ୍: 57)

**ଅନୁବାଦ୍: ଏବଂ ଆମ୍ଭେ ଜିନ୍ନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।**

ତାଲିବେ ଦୁଆ: Akhtara Begum & Family,
B.D.A, Bhubaneshwar (Odisha)

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَإِنَّ الذِّكْرَىٰ تَنْفَعُ الْمُؤْمِنِينَ

(ଅଜ୍ ଜାରିୟାତ୍: 56)

**ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ-ଲାଭ ଦେଇଥାଏ ।**

ତାଲିବେ ଦୁଆ:Shamim Ahmad, S/o- Late Sk Abdul Gaffar &
Jamila Sahiba, Jamat Ahmadiya Kotpalla (Odisha)

## ପୃ- 09 ରେ ବର୍ଣ୍ଣିତ ତଫ୍‌ସିର୍‌ର ଅବଶିଷ୍ଟାଂଶ....

ଖୋଲିବାରେ ଏତେ ଦେରି (ବିଳମ୍ବ) କାହିଁକି କଲେ ? ପ୍ରତ୍ୟୁତ୍ତରରେ ହ. ଉମର୍ ର.ଅଙ୍କ ଭିଣୋଇ କହିଲେ ଯେ, ଖୋଲୁ ଖୋଲୁ ଶେଷରେ ଟିକେ ଦେରି ହୋଇଗଲା । ହ. ଉମର୍ ର.ଅ କହିଲେ, ଏଇଟା ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ କବାଟ ଖୋଲିବାରେ କୌଣସି ବିଶେଷ ପ୍ରସଙ୍ଗ (କାରଣ) ଥିଲା ବୋଲି ଆପଣ ଏତେ ବିଳମ୍ବ କରିଛନ୍ତି । ମୋତେ ସ୍ୱର ଶୁଭୁଥିଲା । ତୁମେ ସେହି ସାବି (ମକ୍କାର ଅବିଶ୍ୱାସକାରୀମାନେ ରସୁଲ୍ କରୀମ୍ ସ.ଅଙ୍କୁ ସାବି ବୋଲି ସମ୍ବୋଧନ କରୁଥିଲେ)ର କଥା ଶୁଣୁଥିଲି ? ହ. ଉମର୍ ର.ଅ କଥାଟାକୁ ଲୁଚାଇବାକୁ ଚେଷ୍ଟା କଲେ । କିନ୍ତୁ ହ. ଉମର୍ ର.ଅ କ୍ରୋଧିତ ହୋଇଗଲେ ଏବଂ ସେ ନିଜର ଭିଣୋଇଙ୍କୁ ମାରିବା ନିମନ୍ତେ ଆଗକୁ ଅଗ୍ରସର ହେଲେ । ହ. ଉମର୍ ର.ଅଙ୍କ ଭଉଣୀ ନିଜ ସ୍ୱାମୀଙ୍କୁ ଭଲ ପାଉଥିବା କରୁଥିବା ହେତୁ ସ୍ୱାମୀଙ୍କୁ ବଞ୍ଚାଇବା ନିମନ୍ତେ ହ. ଉମର୍ ର.ଅ ଓ ସ୍ୱାମୀଙ୍କ ମଝିରେ ଛିଡ଼ା ହୋଇଗଲେ । ହ. ଉମର୍ ର.ଅଙ୍କ ହାତ ଉଠି ସାରିଥିଲା ଏବଂ ତାଙ୍କ ଭଉଣୀ ସହସା ଭିଣୋଇ ଓ ଶଳାଙ୍କ ମଝିରେ ଚାଲି ଆସିଲେ। ହ. ଉମର୍ ର.ଅ ନିଜର ହାତକୁ ଅଟକାଇ ପାରିଲେ ନାହିଁ ଏବଂ ହ. ଉମର୍ ର.ଅଙ୍କ ହାତ ତାଙ୍କ (ଭଉଣୀଙ୍କ) ନାକ ଦଣ୍ଡି ଉପରେ ଯାଇ ବାଜିଲା । ଯଦ୍ଦ୍ୱାରାକି ରକ୍ତ ବହିବାକୁ ଲାଗିଲା ।

ହ. ଉମର୍ ର.ଅ ଭାବ ବିହ୍ୱଳ ବ୍ୟକ୍ତି ଥିଲେ । ଏହା ଦେଖି ଯେ, ସେ ମହିଳା ଉପରକୁ ହାତ ଉଠାଇଛନ୍ତି । ଏହା ଆରବୀୟ ପ୍ରଥା ବିରୁଦ୍ଧୀୟ କୃତ୍ୟ ଥିଲା, ପୁନଶ୍ଚ ଅନ୍ୟ କୌଣସି ମହିଳା ଉପରେ ନୁହେଁ ବରଂ ନିଜର ଭଉଣୀ ଉପରେ ହାତ ଉଠାଇଛନ୍ତି। ହ. ଉମର୍ ର.ଅ କଥା ବଦଳାଇ କହିଲେ, ଆଚ୍ଛା ଅପା ତୁମେ ମୋତେ କୁହ ଯେ, ଭାଇ (ଭିଣୋଇ) କ'ଣ ପଢୁଥିଲ । ଭଉଣୀ ଏହା ବୁଝିନେଲେ ଯେ, ହ. ଉମର୍ ର.ଅଙ୍କ ଭିତରେ ନମ୍ରତା ଭାବାବେଗ ସୃଷ୍ଟି ହୋଇଯାଇଛି । ସେ କହିଲେ, ଯାଅ ଏଠୁ ! ତୁମ ପରି ଅପବିତ୍ର ଲୋକଙ୍କ ହାତେର ମୁଁ ସେହି ପବିତ୍ର ବସ୍ତୁ ଦେବାକୁ ପ୍ରସ୍ତୁତ ନୁହେଁ । ହ. ଉମର୍ ର.ଅ କହିଲେ, ତାହାହେଲେ ମୁଁ କ'ଣ କରିବି ? ହ. ଉମର୍ ର.ଅଙ୍କ ଭଉଣୀ ହ. ଉମର୍ ର.ଅଙ୍କୁ କହିଲେ, ହେ ମୋର ଭାଇ ! ହେଇଟି ସାମ୍ନାରେ ଯେଉଁ ଜଳ ରହିଛି । ସେହି ଜଳରେ ସ୍ନାନ କରିନିଅ । ହ. ଉମର୍ ର.ଅ ସେହି ଜଳରେ ସ୍ନାନ କଲେ ।

ହ. ଉମର୍ ର.ଅଙ୍କ ଭଉଣୀ ହ. ଉମର୍ ର.ଅଙ୍କୁ କହିଲେ, ହେ ମୋର ଭାଇ ! ହେଇଟି ସାମ୍ନାରେ ଯେଉଁ ଜଳ ରହିଛି । ସେହି ଜଳରେ ଯେତେବେଳେ ତୁମେ ସ୍ନାନ କରି ଆସିବ ସେତେବେଳେ ଯାଇ ମୁଁ ତୁମକୁ ସେହି ବସ୍ତୁ ଦିଆଯିବ ଓ ତୁମେ ସେତେବେଳେ ଯେଇଁ ସେହି ବସ୍ତୁକୁ ସ୍ୱର୍ଶ କରି ପାରିବ । ହ. ଉମର୍ ର.ଅ ସ୍ନାନ କରି ଆସିଲେ । ହ. ଉମର୍ ର.ଅ ଯେଉଁ ପବିତ୍ର କୁରଆନ୍ କରୀମ୍ ଶୁଣୁଥିଲେ ସେହି କୁରଆନୀୟ ଆୟତ । ର ପୃଷ୍ଠାଗୁଡ଼ିକ ହ. ଉମର୍ ର.ଅଙ୍କ ଭଉଣୀ ହ. ଉମର୍ ର.ଅଙ୍କ ହସ୍ତରେ ପ୍ରଦାନ କଲେ ।

ବସ୍ତୁତଃ ହ. ଉମର୍ ର.ଅଙ୍କ ମଧ୍ୟରେ ଏକ ପବିତ୍ର ପରିବର୍ତ୍ତନ ସୃଷ୍ଟି ହୋଇ ଯାଇଥିଲା ସେଇଥି ପାଇଁ ହ. ଉମର୍ ର.ଅ ପବିତ୍ର କୁରଆନ୍ କରୀମ । ର ଆୟତ ପାଠ କରିବା ମାତ୍ରେ ତାଙ୍କ ମଧ୍ୟରେ ଏକ ଅଭୂତପୂର୍ବ ପରିବର୍ତ୍ତନ ସୃଷ୍ଟି ହେଲା ଓ ଯେତେବେଳେ ହ. ଉମର୍ ର.ଅ ପବିତ୍ର କୁରଆନ୍ କରୀମ । ର ଆୟତ୍ ସମାପ୍ତ କଲେ ସେତେବେଳେ ସେ ସହସା କହି ଉଠିଲେ ଯେ, اَشْهَدُ اَنْ لَّا اِلٰهَ اِلَّا اللّٰهُ وَاَشْهَدُ اَنَّ مُحَمَّدًا رَّسُوْلُ اللّٰهِ ।

ସୁତରାଂ ଯେଉଁ ସାହାବି ଜଣକ ଭୟଭୀତ ହୋଇ ଘରେ ଲୁଚି ଯାଇଥିଲେ, ସେ ଯେତେବେଳେ ଉକ୍ତ ବାଣୀ ଶୁଣିଲେ ସେତବେଳେ ସେ ଘର ଭିତରୁ ବାହାରକୁ ବାହିରି ଆସିଲେ। ଏହାପରେ ହ.ଉମର୍ ର.ଅ ପଚାରିଲେ ଯେ, ଆଜିକାଲି ରସୁଲ୍ କରୀମ୍ ସ.ଅ କୁଆଡ଼େ ରହୁଛନ୍ତି ? ରସୁଲୁଲ୍ଲାଃ ସ.ଅ ସେହି ଦିନମାନଙ୍କରେ ବିରୋଧ ଯୋଗୁଁ ଘର ବଦଳୁଥିଲେ। ସେହି ସାହାବି ଜଣକ କହିଲେ, ଆଜିକାଲି ରସୁଲ୍ କରୀମ୍ ସ.ଅ ଦାରେ ଅର୍କମ୍ ଠାରେ ରହୁଛନ୍ତି । ହ. ଉମର୍ ର.ଅ ତୁରନ୍ତ ସେହି ଅବସ୍ଥାରେ ଅର୍ଥାତ୍ ଫୁଙ୍ଗୁଳା ଓହଳା ହୋଇଥିବା ଖଡ଼ଗ ଧରି ଦାରେ ଅର୍କମ୍ ଅଭିମୁଖେ ବାହାରି ପଡ଼ିଲେ ।

ହ. ଉମର୍ ର.ଅଙ୍କ ଭଉଣୀଙ୍କ ମନରେ ଏହି ସନ୍ଦେହ ଜାତ ହେଲା ଯେ, ହ. ଉମର୍ ର.ଅ କୌଣସି ମନ୍ଦ ଉଦ୍ଦେଶ୍ୟ ନେଇ ଆଁହଜରତ ସ.ଅଙ୍କ ନିକଟକୁ ନଯାଆନ୍ତୁ । ଅତଏବ୍ ସେ ଆଗକୁ ବଢି ହ. ଉମର୍ ର.ଅଙ୍କ ବାଟ ଓଗାଳିଲେ ଏବଂ କହିଲେ, ହେ ଉମର୍ ! ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ଯେପର୍ଯ୍ୟନ୍ତ ତୁମେ ମୋତେ ଆଶ୍ୱସ୍ତି ପ୍ରଦାନ କରିଦେଇ ନାହଁ ସେପର୍ଯ୍ୟନ୍ତ ମୁଁ ତୁମକୁ ଏଠାରୁ ଯିବାକୁ ଦେବି ନାହିଁ । ତୁମେ ମୋତେ ଏହା ଆଶ୍ୱାସନା ଦିଅ ଯେ, ତୁମେ ଆଁହଜରତ ସ.ଅଙ୍କ ପାଖରେ ପହଞ୍ଚି କୌଣସି ଉପଦ୍ରବ ଓ ବିଶୃଙ୍ଖଳା ସୃଷ୍ଟି କରିବ ନାହିଁ । ହ. ଉମର୍ ର.ଅ କହିଲେ, ଅପା ! ମୁଁ ତୁମକୁ ଏହି କଥା ଦେଉଛି ଯେ, ମୁଁ କୌଣସି ଉପଦ୍ରବ କି ବିଶୃଙ୍ଖଳା ସୃଷ୍ଟି କରିବି ନାହିଁ ।

ହ. ଉମର୍ ର.ଅ ସେଠାରେ ପହଞ୍ଚିଲେ ଏବଂ କବାଟ ଠକ୍ ଠକ୍ କଲେ । ରସୁଲ୍ କରୀମ୍ ସ.ଅ ଓ ସାହାବାମାନେ ଭିତରେ ବସିଥିଲେ, ଧାର୍ମିକ ଶିକ୍ଷା ଚର୍ଚ୍ଚା ଚାଲିଥିଲା। ଜନୈକ ସାହାବି ପଚାରିଲେ. କିଏ ? ହ. ଉମର୍ ର.ଅ କହିଲେ, ମୁଁ ଉମର୍ ଅଟେ । ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କବାଟ ଖୋଲିବା ଉଚିତ୍ ହେବ ନାହିଁ । ଏପରି ନହେଉ ଯେ. କୌଣସି ଉପଦ୍ରବ ଏବଂ ବିଶୃଙ୍ଖଳାମୟ ପରିସ୍ଥିତି ସୃଷ୍ଟି ହୋଇଯିବ । ହ. ହମ୍‌ଜା ର.ଅ ସେତେବେଳେ ନୂଆ ନୂଆ ବିଶ୍ୱାସ ଆଣିଥିଲେ । ସେ ସୈନିକ ପ୍ରବୃତ୍ତିର ବ୍ୟକ୍ତି ଥିଲେ । ସେ କହିଲେ, କବାଟ ଖୋଲିଦିଅ ! ମୁଁ ଦେଖିବି ଯେ, ସେହି ବ୍ୟକ୍ତି କ'ଣ କରିବ ? ସୁତରାଂ ଜଣେ ବ୍ୟକ୍ତି ଯାଇ କବାଟ ଖୋଲିଦେଲା । ହ. ଉମର୍ ର.ଅ ଯେତେବେଳେ ଆଗକୁ ଅଗ୍ରସର ହେଲେ ସେତେବେଳେ ରସୁଲୁଲ୍ଲାଃ ସ.ଅ କହିଲେ, ଉମର୍ ! ତୁମେ କେତେଦୂର ପର୍ଯ୍ୟନ୍ତ ମୋର ବିରୋଧ କରି ଚାଲିବ ? ହ. ଉମର୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଏଠାକୁ ବିରୋଧ କିରବା ନିମନ୍ତେ ଆସି ନାହିଁ। ବରଂ ମୁଁ ତ' ଆପଣ ସ.ଅଙ୍କ ଦାସ ହେବା ନିମନ୍ତେ ଏଠାକୁ ଆସିଛି । ଯେଉଁ ଉମର୍ ଗୋଟିଏ ଘଣ୍ଟା ପୂର୍ବେ ଇସ୍‌ଲାମ୍ ଧର୍ମର ପରମ ଶତ୍ରୁ ଥିଲା ଏବଂ ରସୁଲ୍ କରୀମ୍ ସ.ଅଙ୍କୁ ମାରିବା ନିମନ୍ତେ ନିଜ ଘରୁ ବାହାରିଥିଲା ସେହି ଉମର୍ ସହସା ଏବଂ ଅପର ମୁହୂର୍ତ୍ତରେ ସର୍ବୋଚ୍ଚ ସ୍ତରୀୟ ବିଶ୍ୱାସକାରୀ ବ୍ୟକ୍ତି ପାଲଟି ଗଲା ।

ହ. ଉମର୍ ର.ଅ ମକ୍କାର ଅଧିପତିମାନଙ୍କ ମଧ୍ୟରୁ ନଥିଲେ । କିନ୍ତୁ ସାହସିକତା ଓ ବୀରତ୍ୱ ଯୋଗୁଁ ଯୁବକମାନଙ୍କ ଉପରେ ହ. ଉମର୍ ର.ଅଙ୍କ ସୁପ୍ରଭାବ ତଥା ପ୍ରତିପତିତ୍ୱ ରହିଥିଲା । ଯେତେବେଳେ ଆପଣ ମୁସଲମାନ ହେଲେ ସେତେବେଳେ ସାହାବାମାନେ ଉତ୍ସାହିତ ହୋଇ ନାରାହାଏ ତକବିର୍ (ସ୍ଲୋଗାନ) ଉଚ୍ଚ କଲେ ।

ଏତଦ୍‌ପରେ ଯେତେବେଳେ ନମାଜ୍ ସମୟ ଆସିଲା ଏବଂ ରସୁଲ୍ କରୀମ୍ ସ.ଅ ନମାଜ ପାଠ କରିବା ଚେଷ୍ଟା କଲେ ସେତେବେଳେ ସେହି ଉମର୍ ଯିଏ ଦୁଇ ଘଣ୍ଟା ପୂର୍ବେ ଏଇଥି ପାଇଁ ବାହାରିଥିଲେ ଯେ, ସେ ରସୁଲ୍ କରୀମ୍ ସ.ଅଙ୍କୁ ହତ୍ୟା କରି ଦେବ । ସେହି ଉମର୍ ଖଡ୍‌ଗ ବାହାର କଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଈଶ୍ୱରଙ୍କ ଉପରେ ବିଶ୍ୱାସ ସ୍ଥାପନ କରିଥିବା ବ୍ୟକ୍ତିମାନେ ତ' ଲୁଚି ନମାଜ ପଢିବେ ଆଉ ଅବିଶ୍ୱାସକାରୀମାନେ ମକ୍କା ବାହାରେ ଅହଂକାର ପୂର୍ବକ ବୁଲିବେ । ଏହା କିପରି ସମ୍ଭବ ହୋଇପାରିବ ? ମୁଁ ଦେଖିବି ଯେ, କିଏ ମୋତେ ଖାନା କାଆବାରେ ନମାଜ୍ ପାଠ କରିବାରୁ ଅଟକାଉଛି ? ରସୁଲ୍ କରୀମ୍ ସ.ଅ କହିଲେ, ହେ ଉମର୍! ତୁମର ଏହି ଉତ୍ସାହ ତ' ବେଶ୍ ଉତ୍ତମ ଅଟେ । କିନ୍ତୁ ବର୍ତ୍ତମାନ ପରିସ୍ଥିତି ଏପରି ରହିଛି ଯେ, ଆମମାନଙ୍କର ବାହାରକୁ ବାହାରିବା ଉଚିତ୍ ହେବ ନାହିଁ । ଏହା ଏକ ଅସାଧାରଣ ବିପ୍ଳବ ଥିଲା ଯାହା ହ. ଉମର୍ ର.ଅଙ୍କ ମଧ୍ୟରେ ସୃଷ୍ଟି ହୋଇଥିଲା । ହ. ଉମର୍ ର.ଅ ତୁରନ୍ତ ଏବଂ ତତକ୍ଷଣାତ୍ ଶତ୍ରୁରୁ ସର୍ବୋଚ୍ଚ ସ୍ତରୀୟ ଜଣେ ବିଶ୍ୱାସକାରୀ ବ୍ୟକ୍ତି ପାଲଟିଗଲେ । "**(ତଫ୍‌ସିର୍ କବିର୍, ଭାଗ-6, ପୃ-138-139, ପ୍ରକାଶନ ସ୍ଥାନ-କାଦିୟାନ୍, 2010 ମସିହା)**

☆☆☆

## ଉର୍ଦ୍ଦୁ ନଜମ୍

اُنکو سودا ہوا ہے۔ ویدوں کا
اُنکا دِل مبتلاء ہے ویدوں کا
اس آریوں! اس قدر کرو کیوں جوش
کیا نظر آگیا ہے ویدوں کا ؟
نہ کیا ہے نہ کر سکے پیدا
سوچ لو یہ خدا ہے ویودوں کا
عقل رکھتے ہو آپ بھی سوچو
کیوں بھروسہ کیا ہے ویدوں کا
بے خدا کوئی چیز کیونکر ہو
یہ سراسر خطاء ہے ویودوں کا
ناستک مَت کے ویود ہیں حامی
بس یہی مُدّعا ہے ویدوں کا
کال سر پر کھڑا ہے ویدوں ک ا

☆--☆--☆
☆--☆--☆
☆--☆--☆
☆--☆--☆

## ବିଗତ ସଂଖ୍ୟା-36, ପୃ-12ରେ ବର୍ଣ୍ଣିତ ଖୁତ୍‌ବା 25-07-2025 ଜୁମାର ଅବଶିଷ୍ଟାଂଶ....

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତର୍ବିୟତ୍‌ର ଯେଉଁ ବିଭାଗ ରହିଛି ସେ ଏଇଥି ପାଇଁ କାମ କରିଥାଏ ଯେ, ସେ (ତର୍ବିୟତ୍ ବିଭାଗ) ଲୋକମାନଙ୍କୁ ଜଲ୍‌ସା ଗାହ୍ ଠାରେ ବସାଇ ଜଲସା ଶୁଣାଉ । ବର୍ତ୍ତମାନ ବଜାର ବନ୍ଦ୍ ଥିବ ଏବଂ ବନ୍ଦ୍ ମଧ୍ୟ ହେବା ଉଚିତ୍ । କାରଣ ଜଲ୍‌ସା ଚାଲିଛି । ପ୍ରତ୍ୟେକ ସ୍ଥାନରେ ଉକ୍ତ କଥାକୁ ଧ୍ୟାନ ରଖିବା ଉଚିତ୍ ଯେ, କର୍ମୀମାନେ ଏହି ଦିନମାନଙ୍କରେ ବିଶେଷ ରୂପେ ଉତ୍ତମ ଆଚରଣ ପ୍ରଦର୍ଶ କରନ୍ତୁ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଆମ ପ୍ରତି ଯେଉଁ ସୁଧାରଣା ପୋଷଣ କରିଛନ୍ତି ତାହାକୁ ଚରିତାର୍ଥ କରିବା ନିମନ୍ତେ ଆପଣମାନେ ଉଦ୍ୟମ କରନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି କେତେକ କଥା ମୁଁ ଅତିଥିମାନଙ୍କୁ କହିବାକୁ ଚାହୁଁଛି ଯେ, ଜଲ୍‌ସାରେ ଅନେକ ଅଣଅହମଦି ଅତିଥିମାନେ ମଧ୍ୟ ଆସିଛନ୍ତି। କିନ୍ତୁ ସେମାନଙ୍କ ନିମନ୍ତେ ତ' ଏକ ବିଶେଷ ବିଭାଗ ରହିଛି ଏବଂ ସେମାନଙ୍କର ବିଶେଷ ରୂପେ ଅତିଥି ସତ୍କାର କରାଯାଇଥାଏ । **(ଅବଶିଷ୍ଟାଂଶ......ପୃଷ୍ଠା-11ରେ)**

## ପୃ-11ରେ ବର୍ଣ୍ଣିତ ଖୁତ୍‌ବା 25-07-2025 ଜୁମାର ଅବଶିଷ୍ଟାଂଶ....

କାରଣ ଏମାନେ ଅଣଅହମଦି ଅଟନ୍ତି । ଏମାନଙ୍କ ପ୍ରତି ସ୍ୱତନ୍ତ୍ର ଅତିଥ୍ୟତା ପ୍ରଦର୍ଶନ କରାଯାଇଥାଏ । କାରଣ ଏମାନେ ଅଣଅହମଦି ଅଟନ୍ତି । କିନ୍ତୁ ଏହି କେତେକ ଅଣଅହମଦି ଅତିଥିଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଅତିଥିମାନେ ଅହମଦି ଅଟନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣମାନେ ଏଠାରେ ଜଲ୍‌ସା ଶୁଣିବା ନିମନ୍ତେ ଆସିଛନ୍ତି । ତେଣୁ ଆପଣମାନେ ଉକ୍ତ କଥା ଉପରେ ଗୁରୁତ୍ୱ ଦିଅନ୍ତୁ ନାହିଁ ଯେ, ଆପଣମାନଙ୍କ ନିମନ୍ତେ ଯେଉଁ ବ୍ୟବସ୍ଥା ହୋଇଛି ତାହା ଠିକ୍ ଅଟେ ଅବା ନୁହେଁ । ଆପଣଙ୍କର ଆତିଥ୍ୟତା ଠିକ୍ ହୋଇଛି ଅବା ନୁହେଁ କିମ୍ବା କେଉଁ ସ୍ୱେଚ୍ଛାସେବୀ କର୍ମୀ ଆପଣଙ୍କ ପ୍ରତି କେଉଁ ବ୍ୟବହାର ପ୍ରଦର୍ଶନ କରିଛି । ପ୍ରକୃତ ଅଭିପ୍ରାୟ ତ' ଆଧ୍ୟାତ୍ମିକ ଆହାର ପ୍ରାପ୍ତ କରିବା ଅଟେ । ଆପଣମାନଙ୍କୁ ଏହି ଆହାରକୁ ପ୍ରାପ୍ତ କରିବା ନିମନ୍ତେ ଉଦ୍ୟମ କରିବା ଉଚିତ୍ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ ଆପଣମାନଙ୍କୁ କହିଛି ଯେ, ଅତିଥି ସତ୍କାରକମାନଙ୍କୁ ଅତିଥି ସତ୍କାରକର କର୍ତ୍ତବ୍ୟ ନିର୍ବାହ କରିବାକୁ ପୂର୍ଣ୍ଣ ରୂପେ ଉଦ୍ୟମ କରିବା ଉଚିତ୍ ଏବଂ ଆପଣମାନେ ଅତିଥି ସତ୍କାର ମଧ୍ୟ କରିଥାଆନ୍ତି । କିନ୍ତୁ ସେହିପରି ଜଲ୍‌ସାରେ ଯେଉଁ ଲୋକମାନେ ସାମିଲ୍ ହେଉଛନ୍ତି ସେମାନଙ୍କର ମଧ୍ୟ ଏହି କର୍ତ୍ତବ୍ୟ ରହିଛି ଯେ, ସେମାନେ ଯଦି କୌଣସି କର୍ମୀଙ୍କ ମଧ୍ୟରେ ଦୁର୍ବଳତା, ଅବହେଳା କିମ୍ବା ତ୍ରୁଟି ଦେଖନ୍ତି ତେବେ ଏହାକୁ ଅଣଦେଖା କରନ୍ତୁ ।

ସେହି କର୍ମୀମାନଙ୍କ ମଧ୍ୟରେ ଯେକେହି ବ୍ୟକ୍ତି ଯଦି ସ୍ୱଚ୍ଛତା ବିଭାଗରେ କାମ କରୁଛନ୍ତି ତେବେ ସେମାନେ କୌଣସି ସଂସ୍କାର ପ୍ରାପ୍ତ ଲୋକ ନୁହନ୍ତି କିମ୍ବା ଶୃଙ୍ଖଳା ବିଭାଗରେ ଯେଉଁ ସ୍ୱେଚ୍ଛାସେବୀମାନେ କାମ କରୁଛନ୍ତି ସେମାନେ ପୋଲିସ୍‌ର କର୍ମଚାରୀ ନୁହନ୍ତି ଅବା ଗେଟ୍‌ରେ ଯେଉଁମାନେ ଡିୟୁଟି ଦିଅନ୍ତି ସେମାନେ ପ୍ରଶିକ୍ଷିତ ତ' ନୁହନ୍ତି, ଯେଉଁ ଲୋକ ବା କର୍ମୀମାନେ ଟ୍ରାଫିକ୍ ନିୟନ୍ତ୍ରଣ କରୁଛନ୍ତି ସେହି ଟ୍ରାଫିକ୍ ନିୟନ୍ତ୍ର କରୁଥିବା ବ୍ୟକ୍ତିମାନେ ମଧ୍ୟ ପ୍ରଶିକ୍ଷିତ ନୁହନ୍ତି । ଏହି ସମସ୍ତ ଲୋକମାନେ ସ୍ୱେଚ୍ଛାସେବୀ କର୍ମୀ ଅଟନ୍ତି । ଏମାନେ ଅତିଥିଙ୍କ ସେବା ଲାଗି ନିଜକୁ ଉପସ୍ଥାପିତ କରିଛନ୍ତି । ଏମାନଙ୍କ ମଧ୍ୟରୁ କେତେକ ପିଲାମାନେ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ ଅଟନ୍ତି, ଆଉ କେତେକ ବିଶ୍ୱବିଦ୍ୟାଳୟର ଛାତ୍ର ଅଟନ୍ତି, ଆଉ କେତେକ ଲୋକମାନେ ନାନା ବୃତ୍ତିଧାରୀ ଅର୍ଥାତ୍ ଚାକିରୀ କରନ୍ତି । ଏମାନେ ବିଶେଷ ରୂପେ ଉତ୍ତମ ବୃତ୍ତିଧାରୀ ଏବଂ ଭଲ ଭଲ ସ୍ଥାନରେ କାର୍ଯ୍ୟ କରନ୍ତି । ଏମାନେ ଉତ୍ତମ ସ୍ତରର ଲୋକମାନେ ଅଟନ୍ତି । ଏମାନେ ସମସ୍ତେ ଏକ ସେବା ତଥା ଉତ୍ସାହ ମନୋବୃତ୍ତି ରଖି ଜଲ୍‌ସାରେ ଅତିଥିମାନଙ୍କର ସେବା କରୁଛନ୍ତି । କାରଣ ଆମେମାନେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ସେବା କରିବୁ । ଅତଏବ୍ ଏମାନଙ୍କର ଉତ୍ସାହ ତଥା ଏମାନଙ୍କର ସେବା ମନୋବୃତ୍ତିକୁ ଉଚ୍ଚ ପ୍ରଶଂସା କରି ଏମାନଙ୍କ ସହିତ ଆପଣମାନେ ପୂର୍ଣ୍ଣ ରୂପେ ସହଯୋଗ କରନ୍ତୁ ଓ ଏମାନଙ୍କର ଦୋଷ ଦୁର୍ବଳତାକୁ ଅଣଦେଖା କରନ୍ତୁ । ଯେତେବେଳେ ଆପଣମାନେ ଏପରି କରିବେ ସେତେବେଳେ ଆପଣମାନେ ନିଜର ଅଭିପ୍ରାୟକୁ ପ୍ରାପ୍ତ କରିନେବେ । ଆପଣମାନେ ସେହି ଅଭିପ୍ରାୟ ତଥା ଉଦ୍ଦେଶ୍ୟକୁ ପ୍ରାପ୍ତ କରିନେବେ ଯେଉଁ ଉଦ୍ଦେଶ୍ୟ ସକାଶେ ଆପଣ ଏଠାକୁ ଆସିଛନ୍ତି । ଏହା ଦ୍ୱାରା ପାରସ୍ପାରିକ ସଂପର୍କରେ ଅତିରିକ୍ତ ସୁନ୍ଦରତା ସୃଷ୍ଟି ହୋଇଥାଏ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସମସ୍ତ ଅତିଥିମାନଙ୍କୁ ଉକ୍ତ କଥା ଧ୍ୟାନ ରଖିବା ଉଚିତ୍ ଯେ, ସେମାନଙ୍କର ଏଠାକୁ ଆସିବାର ଉଦ୍ଦେଶ୍ୟ କ'ଣ ? ସେହି ଅଭିପ୍ରାୟ ଏବଂ ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତା ଅଲ୍ଲାଃତାଲାଙ୍କୁ ସ୍ମରଣ କରିବା ଦ୍ୱାରା ହିଁ ପ୍ରାପ୍ତ ହୋଇପାରିବ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆହାର କେନ୍ଦ୍ରର ଯେଉଁ ମାର୍କି ରହିଛି ସେହି ମାର୍କିରେ ଯେଉଁ ଅତିଥିମାନେ ଭୋଜନ କରୁଛନ୍ତି ସେମାନେ ଭୋଜନ କରିବା ପରେ ଶୀଘ୍ର ମାର୍କିକୁ ଖାଲି କରି ଦିଅନ୍ତୁ । କାରଣ ଅନ୍ୟ ଅତିଥିମାନେ ମଧ୍ୟ ଆସି ଖାଦ୍ୟ ଖାଇ ପାରିବେ । ବେଳେବେଳେ ସ୍ଥାନ କମ୍ ଥାଏ ଏବଂ ଅତିଥିମାନଙ୍କର ସଂଖ୍ୟା ଅଧିକ ହୋଇଥାଏ । ଏହା ଦ୍ୱାରା ପାଳି କରି ଅତିଥିମାନଙ୍କୁ ଶିଫ୍ଟ୍ ୱାଇଜ୍ ଭୋଜନ କରିବାକୁ ପଡ଼ିଥାଏ । ତେଣୁ ଆପଣମାନେ ଉକ୍ତ କଥା ମନେରଖନ୍ତୁ ଯେ, ଖାଦ୍ୟ ଖାଇବାର ପରେ ତୁରନ୍ତ ମାର୍କିରୁ ବାହାରିବା ନିମନ୍ତେ ଉଦ୍ୟମ କରନ୍ତୁ । ସେଠାରେ ଅଯଥାରେ ଛିଡ଼ା ହୋଇ ଭିଡ଼ କରନ୍ତୁ ନାହିଁ । ଆପଣମାନେ ସେଠାରେ ଛିଡ଼ା ହୋଇ ଅଯଥାରେ କଥାବାର୍ତ୍ତାରେ ନିଜର ସମୟ ଅତିବାହିତ କରନ୍ତୁ ନାହିଁ । କଥାବାର୍ତ୍ତା କରିବାର ଅଛି ତେବେ ବାହାରକୁ ଆସି ଆପଣମମାନେ ଆରାମ୍ ସେ କଥାବାର୍ତ୍ତା ହୁଅନ୍ତୁ ଓ ବାହାରେ ଆସି ନିଜର ସମୟ ଅତିବାହିତ କରନ୍ତୁ । ସେହିପରି କର୍ମୀମାନେ ପ୍ଲେଟ୍‌ରେ ଖାଦ୍ୟ ପକାଇ ଖାଦ୍ୟ ପରଶି ଥାଆନ୍ତି । ଆପଣମାନେ ଯଦି ବେଶୀ ଖାଦ୍ୟ ମାଗିବେ ତେବେ ସେମାନେ ଅର୍ଥାତ୍ ଆହାର ବାଣ୍ଟୁଥିବା କର୍ମୀମାନେ ଆପଣଙ୍କୁ ଆଉ ଟିକେ ଖାଦ୍ୟ ଦେବେ । କିନ୍ତୁ ଆପଣମାନଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ଆପଣମାନେ ଖାଦ୍ୟ ଅପଚୟ (ନଷ୍ଟ) କରନ୍ତୁ ନାହିଁ । ଖାଦ୍ୟ ଅପଚୟ ହେବା ଅନୁଚିତ୍ ଅଟେ । ଆପଣମାନେ ସର୍ବଦା ଆହାର ତଥା ଖାଦ୍ୟ (ଅର୍ଣ୍ଣ, ରୁଟି) ପ୍ରତି ସମ୍ମାନ ପ୍ରଦର୍ଶନ କରନ୍ତୁ । କେତେକ ଲୋକମାନେ ଅଛନ୍ତି ଯେଉଁମାନେ ସାମାନ୍ୟ ରୂପେ ପୋଡ଼ିଯାଇଥିବା କିମ୍ବା କଞ୍ଚା ରୁଟିକୁ କାଢି ଫିଙ୍ଗି ଦେଇଥାଆନ୍ତି । ତେଣୁ ଆପଣମାନଙ୍କୁ ଏହି ଉଦ୍ୟମ କରିବା ଉଚିତ୍ ଯେ, ଯଦି ରୁଟି ଖାଇବା ଯୋଗ୍ୟ ଅଟେ ତେବେ ତାହାକୁ ଖାଇନେବା ଉଚିତ୍ । କିନ୍ତୁ ଯଦି କୌଣସି ବ୍ୟକ୍ତି ଅସୁସ୍ଥ ଥାଏ ତା' ପାଇଁ ସେହି ରୁଟି ଖାଇବା କଷ୍ଟକର ହୁଏ ତେବେ ସେପରିପ୍ରେକ୍ଷୀରେ ସେହି ରୁଟି ଖାଇବା ଉଚିତ୍ ନୁହଁ । ସାମୂହିକ ରୂପେ କହିବାକୁ ଗଲେ ବର୍ତ୍ତମାନ ରୁଟିଗୁଡ଼ିକ ତ' ମେସିନ୍ ଦ୍ୱାରା ତିଆରି ହୋଇ ଭଲ ଭାବରେ ସେକି ହୋଇ ଆସିଥାଏ । ମୁଁ ଚେକ୍ ମଧ୍ୟ କରିଛି । କିନ୍ତୁ ବେଳେବେଳେ ଖରାପ୍ ରୁଟି ମଧ୍ୟ ଆସିଯାଇଥାଏ । ଯେପର୍ଯ୍ୟନ୍ତ ଅତି ପୋଡ଼ି ଯାଇଥିବା ରୁଟି କିମ୍ବା ଟିକେ ପୋଡ଼ି ଯାଇଥିବା ରୁଟିକୁ ଅପଚୟ (ନଷ୍ଟ) କରିବାରୁ ବର୍ତ୍ତିବାକୁ ଚଷ୍ଟେ କରନ୍ତୁ । ସେହିପରି ତରକାରୀକୁ ମଧ୍ୟ ଅପଚୟ କରିବାରୁ ବର୍ତ୍ତିବା ଉଚିତ୍ । ପ୍ରଥମତଃ ଖାଦ୍ୟ ଅପଚୟ ହେବା ଉଚିତ୍ ନୁହଁ । ଦ୍ୱିତୀୟତଃ ସେହି ଖାଦ୍ୟ ଅନ୍ୟ ବ୍ୟକ୍ତିର କାମରେ ମଧ୍ୟ ଲାଗିପାରିବ । ଅର୍ଥାତ୍ ସହାୟକ ହୋଇଥାଏ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଏକ ସମସ୍ୟା ସୃଷ୍ଟି ହୋଇ ଯାଇଥାଏ ଯେ,ଏହା ଯୋଗୁଁ ସ୍ୱଚ୍ଛତା ବିଭାଗ ଉପରେ ଅଧିକ ବୋଝ ପଡ଼ି ଯାଇଥାଏ ଏବଂ ସେମାନଙ୍କୁ ଅଧିକ କାର୍ଯ୍ୟ କରିବାକୁ ପଡ଼ିଥାଏ । ସେଇଥି ପାଇଁ ଅତିଥିମାନଙ୍କ ପକ୍ଷେ ଏହା ଉଚିତ୍ କି ସେମାନେ ଜଲ୍‌ସା ସାଲାନା ଦିନମାନଙ୍କରେ ଆହାରକୁ କଲ୍ୟାଣ ମନେକରି ଖାଆନ୍ତୁ ଏବଂ ଏହାକୁ ଅପଚୟ ଓ ନଷ୍ଟ କରନ୍ତୁ ନାହିଁ ।

ହୁଜୁର ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସଙ୍କ ଏହି ଉଦାହରଣ ଥିଲା କି ଏକଦା ଆପଣଙ୍କ ଭୋଜନର ବ୍ୟବସ୍ଥା ହୋଇପାରିଲା ନାହିଁ । ବ୍ୟବସ୍ଥାକାରୀ ଜଣକ କୌଣସି କାରଣରୁ ଭୁଲିଗଲେ ଏବଂ ଆପଣ ଅ.ସ ମଧ୍ୟ ବ୍ୟସ୍ତ ଥିଲେ । ଆପଣ ଅ.ସ ଯେତେବେଳେ ନିଜର ଆହାର ସଂପର୍କରେ ପଚାରିଲେ ସେତେବେଳେ ସମସ୍ତେ ଚିନ୍ତିତ ଥିଲେ । ଖାଦ୍ୟ ସରିଯାଇଥିଲା । ଆପଣ ଅ.ସ କହିଲେ, ହଉ କିଛି କଥା ନାହିଁ। ଖାଦ୍ୟାସନ ଉପେରେ ଯେଉଁ ରୁଟି ଖଣ୍ଡ ପଡ଼ିଛି ଏବଂ ତରକାରୀ ପଡ଼ିଛି ସେହି ତରକାରୀ ଓ ରୁଟି ଖଣ୍ଡ ନେଇ ଆସ । ମୁଁ ସେହି ରୁଟି ଖଣ୍ଡ ଏବଂ ବଳକା ତରକାରୀ ଖାଇନେବି । ସୁତରାଂ ଲୋକମାନେ ଯେଉଁ ରୁଟିର ଖଣ୍ଡ ଛିଣ୍ଡେଇ ଖାଦ୍ୟାସନରେ ପକାଇଛନ୍ତି ସେହି ରୁଟିଖଣ୍ଡ ଏବଂ ତରକାରୀ ଆପଣ ଅ.ସ ଖାଇନେଲେ । **(ସିରତ୍ ହ. ମସିହ୍ ମଉଦ୍ ଅ.ସ, ଲେଖକ-ୟାକୁବ୍ ଅଲୀ ସାହେବ ଇର୍ଫାନୀ, ପୃ-322)**

ହୁଜୁର ଅ.ସ କହିଲେ,ଏହା ଆପଣ ଅ.ସଙ୍କ ଉତ୍ତମ ଆଦର୍ଶ ଅଟେ । ଏହି ଉତ୍ତମ ଆଦର୍ଶ ଆପଣ ଅ.ସ ଆମମାନଙ୍କ ନିମନ୍ତେ ସ୍ଥାପନ କରିଯାଇଛନ୍ତି । ଅତଏବ୍ ଆପଣମାନେ ସର୍ବଦା ଉକ୍ତ କଥାକୁ ମନେରଖନ୍ତୁ ଯେ, ଆପଣମାନେ ଖାଦ୍ୟ ବା ଆହାର ଅପଚୟ (ନଷ୍ଟ) କରନ୍ତୁ ନାହିଁ । ତହିଁରୁ ଆପଣମାନଙ୍କୁ ବର୍ତ୍ତିବା ଉଚିତ୍ । ସେହିପରି ଯେଉଁମାନେ ସଫେଇ କର୍ମଚାରୀମାନେ ରହିଛନ୍ତି ସେମାନଙ୍କ ନିମନ୍ତେ ଆପଣ ସହଜତା ସୃଷ୍ଟି କରନ୍ତୁ । ଆଁହଜରତ ସ.ଅ କହିଛନ୍ତି ଯେ, "ଆହାରକୁ ଅପଚୟ ବା ନଷ୍ଟ କରନ୍ତୁ ନାହିଁ ।" **(ସୁନନୁତ୍ ତର୍ମିଜି, କିତାବୁଲ୍ ଅତ୍‌ଇମତି, ବାବ୍- ମା ଯାଆ, ଫିଲ୍ ଲୁକ୍‌ମତା ତସ୍‌କୁତୁ, ହିଦସ୍ ନଂ-1803ରୁ ଉଦ୍ଧୃତ) (ସୁନନ୍ ଇବ୍‌ନେ ମାଜା, କିତାବୁଲ୍ ଅତ୍‌ଇମତି, ବାବ୍- ନହା ଅନ୍ ଇଲ୍‌କାଅତ୍ ତାଆମି, ହଦିସ୍ ନଂ-3353)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆହାରର ମୂଲ୍ୟକୁ ବୁଝନ୍ତୁ । ଯେଉଁ ଆହାର ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପିତ କରାଯାଏ ତାହାକୁ ଆପଣମାନେ ପ୍ରସନ୍ନତାର ସେବନ (ଖାଆନ୍ତୁ) କରନ୍ତୁ । ନିଃସନ୍ଦେହ ରୂପେ ହ. ମସିହ୍ ମଉଦ୍ ଅ.ସଙ୍କର ଏହି ଯେଉଁ ଆଦେଶ ରହିଛି ତାହା ଅତିଥିମାନଙ୍କ ନିମନ୍ତେ ବିଶେଷ ରୂପେ ଉଦ୍ଦିଷ୍ଟ ଅଟେ । ତେଣୁ ଯେଉଁ ଲୋକମାନେ ଉକ୍ତ ଆଦେଶକୁ କାର୍ଯ୍ୟକାରୀ କରନ୍ତି ତାହା ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟେ, ଯେଉଁମାନେ ଉକ୍ତ ଆଦେଶକୁ କାର୍ଯ୍ୟକାରୀ କରନ୍ତି ସେହି ଲୋକମାନେ ହିଁ ନିଜ ସହିତ କଲ୍ୟାଣ ଆଣିଥାଆନ୍ତି । କିନ୍ତୁ ଏହାକୁ ସିଦ୍ଧ ବା ପ୍ରମାଣିତ କରିବା ନିମନ୍ତେ ପ୍ରତ୍ୟେକ ଅତିଥିକୁ ଉତ୍ତମ ଉଦାହରଣ ପ୍ରଦର୍ଶନକାରୀ ବ୍ୟକ୍ତି ହେବାକୁ ପଡ଼ିବ । ଆପଣମାନେ ଏପରି ଅତିଥି ହୁଅନ୍ତୁ ଯେଉଁମାନେ ନିଜ ସହିତ କଲ୍ୟାଣ ଆଣିଥାଆନ୍ତି । ଆପଣମାନେ ଏପରି ଅତିଥି ହୁଅନ୍ତୁ ନାହିଁ ଯେଉଁମାନେ ପରିବାରର ସଦସ୍ୟଙ୍କ ନିମନ୍ତେ ଓ ଅନ୍ୟମାନଙ୍କ ନିମନ୍ତେ ମୁଣ୍ଡବିନ୍ଧାର, ସମସ୍ୟାର କାରଣ ସାଜିବେ । ତେଣୁ ଆପଣମାନେ ପରିବାରକୁ ଅନ୍ୟମାନଙ୍କୁ ସମସ୍ୟାରୁ ଉଦ୍ଧାରକାରୀ ବ୍ୟକ୍ତି ସାବ୍ୟସ୍ତ ହୁଅନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆମେମାନେ ଏଠାକୁ ଆସିଛୁ । ତେବେ ଜଲ୍‌ସା ଅଧୀନ ଏକ ବ୍ୟବସ୍ଥା ରହିଛି ଏବଂ ଡିୟୁଟି ଦେଉଥିବା ଲୋକମାନେ ଡିୟୁଟି ଦେଉଛନ୍ତି । କିନ୍ତୁ ଅଂଶଗ୍ରହଣକାରୀମାନେ ଏବଂ କାମ କରୁଥିବା ସମସ୍ତ କର୍ମୀମାନେ ଅହମଦି ଅଟନ୍ତି । ଆମ ସମସ୍ତଙ୍କ ଏହି ଉଦ୍ଦେଶ୍ୟ ରହିଛି ଆମେମାନେ ଏଠାରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଶିକ୍ଷା ଓ ଇସ୍‌ଲାମ୍ ଧର୍ମର ଶିକ୍ଷାନୁଯାୟୀ ନିଜର ଚାରିତ୍ରିକ, ଆଧ୍ୟାତ୍ମିକ, ଶୈକ୍ଷିକ **(ଅବଶିଷ୍ଟାଂଶ................ପୃଷ୍ଠା-12ରେ)**

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

**ଅନୁବାଦ:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Mianjan Khan,
Jamat Ahmadiya Nargaon,
Dist- Cuttack, (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 11 September 2025 Issue No. 37

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

## ପୃ-11ରେ ବର୍ଣ୍ଣିତ ଖୁତ୍‌ବା ଜୁମା 25-7-2025ର ଅବଶିଷ୍ଟାଂଶ....

ଓ ଜ୍ଞାନଭିତ୍ତିକ ଗୁଣକୁ ସଂଶୋଧନ କରିବୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଡିୟୁଟି ଦେଉଥିବା କର୍ମୀମାନେ ହୁଅନ୍ତୁ କିମ୍ବା ଅତିଥିମାନେ ହୁଅନ୍ତୁ ସମସ୍ତଙ୍କ ଏହି କର୍ତ୍ତବ୍ୟ ରିହଛି ଯେ, ସେମାନେ ଏଥି ନିମନ୍ତେ ଉଦ୍ୟମ କରନ୍ତୁ । ବେଳେବେଳେ ଏପରି ପରିସ୍ଥିତ ମଧ୍ୟ ଉପୁଜିଥାଏ ଯେ, ଖାଦ୍ୟାଭାବ ଅର୍ଥାତ୍ ଆହାର ନିଅଣ୍ଟ ହୋଇଥାଏ । କର୍ମୀମାନଙ୍କର ଏହଂ ଲଙ୍ଗରଖାନାର ଏହି ଉଦ୍ୟମ ହୋଇଥାଏ ଯେ, ଆହାର ନିଅଣ୍ଟ ବା ନଗଟ ନହେଉ। କିନ୍ତୁ ବେଳେବେଳେ ଏତେ ସଂଖ୍ୟକ ଅତିଥିଙ୍କ ଆଗମନ ଫଳରେ ଆକଳନ ଭୁଲ୍ ମଧ୍ୟ ହୋଇଯାଇଥାଏ ଏବଂ ଖାଦ୍ୟ ନିଅଣ୍ଟ ଭଳି ସମସ୍ୟା ମଧ୍ୟ ଉପୁଜିଥାଏ । ଏଥି ସଂକ୍ରାନ୍ତରେ ଆମମାନଙ୍କୁ ହ. ମୁହମ୍ମଦ୍ ସ.ଅଙ୍କ ଏକ ଉପଦେଶ ସର୍ବଦା ସ୍ମରଣ ରଖିବା ଉଚିତ୍ । ଆପଣ ସ.ଅ କହିଛନ୍ତି ଯେ, "ଗୋଟିଏ ବ୍ୟକ୍ତିର ଖାଦ୍ୟ ତିନି ଜଣ ବ୍ୟକ୍ତିଙ୍କୁ ଯଥେଷ୍ଟ ହୋଇଥାଏ ଓ ତିନି ଜଣ ବ୍ୟକ୍ତିଙ୍କ ଖାଦ୍ୟ ଚାରି ଜଣ ଲୋକଙ୍କୁ ଯଥେଷ୍ଟ ହୋଇଥାଏ ।" **(ମୁସ୍‌ଲିମ୍ କିତାବୁଲ୍ ଅଶ୍ରିବତି, ବାବ୍-ଫଜିଲତୁଲ୍ ମୁଓ୍ୱାସାତି ଫିତ୍ ତାଆମିଲ୍ କଲିଲି.....ହଦିସ୍ ନଂ-2058)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଏହିପରି ବର୍ଣ୍ଣିତ ହୋଇଛି ଯେ, ଆଁହଜରତ ସ.ଅ କହିଲେ: "ଜଣେ ଲୋକର ଖାଦ୍ୟ 2 ଜଣଙ୍କ ନିମନ୍ତେ ଓ ଦୁଇ ଜଣଙ୍କର ଖାଦ୍ୟ 4 ଜଣଙ୍କ ନିମନ୍ତେ ଯଥେଷ୍ଟ ଅଟେ ।" **(ମୁସ୍‌ଲିମ୍ କିତାବୁଲ୍ ଅଶ୍ରିବତି, ବାବ୍-ଫଜିଲତୁଲ୍ ମୁଓ୍ୱାସାତି ଫିତ୍ ତାଆମିଲ୍ କଲିଲି.....ହଦିସ୍ ନଂ-2058)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଆମମାନଙ୍କୁ ଉକ୍ତ କଥା ସର୍ବଦା ମନେରଖିବା ଉଚିତ୍ ।

## ଏମ୍.ଟି.ଏ ଇଣ୍ଟରନ୍ୟାସନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ବିଶେଷ ଉପସ୍ଥାପନ "ଐତିହାସିକ କାର୍ଯ୍ୟକ୍ରମ"

ଜମାଅତ୍ ଅହମଦିୟାର ସ୍ୱର୍ଣ୍ଣିମ ଇତିହାସ ଉପରେ ଆଧାରିତ କାର୍ଯ୍ୟକ୍ରମ ! ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ବିଶେଷ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ଜମାଅତ୍ ଅହମଦିୟାର ଇତିହାସରେ ଘଟିଥିବା ମୁଖ୍ୟ ଘଟଣାବଳୀର ବିବରଣୀମାନ ଉପସ୍ଥାପିତ କରାଯାଉଛି । ଯେଉଁଠି ଉକ୍ତ ଘଟଣାବଳୀ ଘଟିଛି ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ସେହି ଐତିହାସିକ ସ୍ଥାନକୁ ଆୟୁଦ୍ଧ କରି ଉକ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ତହିଁରେ ସଂକ୍ଷିପ୍ତ ଡକ୍ୟୁମେଣ୍ଟାରୀ (ପ୍ରାମାଣିକ ଭିଡ଼ିଓମାନ) ଇତ୍ୟାଦି ମଧ୍ୟ ଅନ୍ତର୍ଭୁକ୍ତ ରହିଛି । କାରଣ ଦର୍ଶକମାନେ ଏହା ଜାଣନ୍ତୁ ଯେ, ଏହି ସ୍ଥାନଗୁଡ଼ିକର ନାମ କ'ଣ, କେଉଁଠି ଏହି ସ୍ଥାନଗୁଡ଼ିକ ଅବସ୍ଥିତ ଅଟନ୍ତି? ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ । ତତ୍‌ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ ଚ୍ୟାନେଲରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି। ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ସୁବିଧା ମୁତାବକ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୁଅନ୍ତୁ ଏବଂ ଜମାଅତ୍‌ର ଇତିହାସ ସହିତ ଅବଗତ ହୁଅନ୍ତୁ । ଏମ୍.ଟି.ଏର ଅଫିସିୟାଲ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍‌କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

ଏମ୍.ଟି.ଏର ଅଫିସିୟାଲ୍ Youtube ଚ୍ୟାନେଲ୍

ଏମ୍.ଟି.ଏର ଅଫିସିୟାଲ୍ Whatsappp ଚ୍ୟାନେଲ୍

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** أَلَيْسَ اللّٰهُ بِكَافٍ عَبْدَهُ

(ଅଲ୍ ଜୁମର: 36)

ଅନୁବାଦ: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan, Jamat Ahmadiya Pankal, Halqa Qudrat Nagar (Odisha)

## କାଦିୟାନ୍ ସ୍ଥିତ ସୌନ୍ଦର୍ଯ୍ୟୀକରଣ ବିଭାଗରେ ମାଳି ସେବା କରିବାକୁ ଥିବା ଇଚ୍ଛୁକ ଓ ଆଗ୍ରହୀ ପ୍ରାର୍ଥୀମାନେ ଦୟାକରି ଧ୍ୟାନ ଦିଅନ୍ତୁ

**ସର୍ତ୍ତାବଳୀ:**

(1) ପ୍ରାର୍ଥୀଙ୍କ ବୟସ 50 ବର୍ଷରୁ ଅଧିକ ହୋଇ ନଥିବ କି 18 ବର୍ଷରୁ କମ୍ ବୟସ ହୋଇ ନଥିବ ।

(2) ପ୍ରାର୍ଥୀଙ୍କର ଶିକ୍ଷାଗତ ଯୋଗ୍ୟତା ସଂପର୍କରେ କୌଣସି ସର୍ତ୍ତ ନାହିଁ ।

(3) ଜନ୍ମତିଥିର ପ୍ରମାଣ ସ୍ୱରୂପ କୌଣସି ସରକାରୀ ଅନୁଷ୍ଠାନ ଦ୍ୱାର ସ୍ୱୀକୃତ ପ୍ରାପ୍ତ ପ୍ରମାଣ ପତ୍ର ଗ୍ରହଣ ଯୋଗ୍ୟ ହେବ ।

(4) ଯେଉଁମାନେ ମର୍କଜ୍‌ର ନିଯୁକ୍ତି ସଂସ୍ଥାଙ୍କ ଦ୍ୱାରା ସାକ୍ଷାତ୍‌କାରରେ କୃତକାର୍ଯ୍ୟ ହେବେ ସେହି ପ୍ରାର୍ଥୀମାନେ ହିଁ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ । ମାଳି କାର୍ଯ୍ୟରେ ଅଭିଜ୍ଞ ଥିବା ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ ।

(5) ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀକୁ ନୁର୍ ହସ୍ପିଟାଲ୍ କାଦିୟାନଙ୍କ ଦ୍ୱାରା ବ୍ୟକ୍ତିଗତ ଖର୍ଚ୍ଚରେ ଡାକ୍ତରୀ ପରୀକ୍ଷା ପାଇଁ (ଖର୍ଚ୍ଚ ପ୍ରାୟ- 2500/-ଟଙ୍କା) ଖର୍ଚ୍ଚ କରିବାକୁ ପଡ଼ିବ । ଯେଉଁ ପ୍ରାର୍ଥୀ ନୁର୍ ହସ୍ପିଟାଲଙ୍କ ମେଡ଼ିକାଲ କର୍ତ୍ତୃପକ୍ଷ ବୋର୍ଡ଼ଙ୍କ ଅନୁଯାୟୀ ସୁସ୍ଥ ଏବଂ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ ସେହି ପ୍ରାର୍ଥୀମାନେ ହିଁ ସେବା କରିବା ନିମନ୍ତେ ଯୋଗ୍ୟ ହେବେ ।

(6) ସିଲେକ୍‌ସନ୍ (ପ୍ରାର୍ଥୀ ଚୟନ) ହେବା ସ୍ଥଳେ ପ୍ରାର୍ଥୀକୁ କାଦିୟାନ୍‌ରେ ନିଜର ରହଣୀର ବ୍ୟବସ୍ଥା ନିଜେ କରିବାକୁ ପଡ଼ିବ ।

(7) କାଦିୟାନ୍ ଯିବା ଆସିବା ନିମନ୍ତେ ବାଟ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ।

(8) ଉକ୍ତ ଘୋଷଣାର 2 ମାସ ମଧ୍ୟରେ ଯେଉଁ ଆବେଦନ କାର୍ଯ୍ୟାଳୟରେ ପ୍ରାପ୍ତ ହେବ ସେହି ଆବେଦନଗୁଡ଼ିକ ଉପରେ ହିଁ ବିଚାର କରାଯିବ ବା ବିଚାରକୁ ନିଆଯିବ ।

**ନୋଟ୍:** ଇଣ୍ଟରଭ୍ୟୁର ତାରିଖ ସହିତ ପ୍ରାର୍ଥୀକୁ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ।

**ଅଧିକ ତଥ୍ୟ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ**

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହମଦିୟା କାଦିୟାନ୍, ଗୁର୍ଦାସପୁର, ପଞ୍ଜାବ, ପିନ୍ କୋଡ଼-143516, ମୋବାଇଲ୍ ନଂ:9888232530, 9682627592
କାର୍ଯ୍ୟାଳୟ: 01872-501130
Email:diwan@qadian.in

☆--☆--☆

## 2025 ମସିହାରେ ଅନୁଷ୍ଠିତ ହେବାକୁ ଥିବା ଜୈଲି ତନ୍‌ଜିମାତ୍ (ଜମାଅତ୍ ଅଧୀନସ୍ଥ ଗୋଷ୍ଠୀ ଯଥା ଖୁଦାମ୍, ଅନ୍‌ସାର୍ ଓ ଲଜ୍‌ନା ଇମାଇଲ୍ଲାଃ)ଙ୍କର ବାର୍ଷିକ ଇଜ୍‌ତିମା

ଚଳିତ ବର୍ଷ ସୟେଦିନା ହୁଜୁର ଅନ୍‌ୱର୍ ଅ.ବ ତିନି ଅଧୀନସ୍ଥ ଗୋଷ୍ଠୀ ଯଥା- ମଜ୍‌ଲିସ୍ ଖୁଦାମୁଲ୍ ଅହମଦିୟା ଭାରତ, ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ଭାରତ ଓ ମଜ୍‌ଲିସ୍ ଲଜ୍‌ନା ଇମାଇଲ୍ଲାଃ ଭାରତଙ୍କ କାଦିୟାନ୍ ଦାରୁଲ୍ ଅମାନ୍ ଠାରେ ବାର୍ଷିକ ମର୍କଜି ଇଜ୍‌ତିମା ନିମନ୍ତେ ପ୍ରଦତ୍ତ 2025 ମସିହା ଅକ୍ଟୋବର ମାସ 24, 25, 26 ତାରିଖ, ଶୁକ୍ରବାର, ଶନିବାର ଓ ରବିବାରର ତାରିଖ ଦୟାବସ୍ଥଳ ରୂପେ ଅନୁମୋଦନ କରି ସ୍ୱୀକୃତି ପ୍ରଦାନ କରିଛନ୍ତି । ଜମାଅତ୍‌ର ସଦସ୍ୟବୃନ୍ଦମାନଙ୍କୁ ଅନୁରୋଧ କି ସେମାନେ ଉପରୋକ୍ତ ତାରିଖ ଅନୁଯାୟୀ ଇଜ୍‌ତିମାରେ ସାମିଲ୍ ହେବା ନିମନ୍ତେ ଯଥାସମ୍ଭବ ଉଦ୍ୟମ କରନ୍ତୁ । **(ସଦର୍ ମଜ୍‌ଲିସ୍ ଖୁଦାମୁଲ୍ ଅହମଦିୟା)**

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

**(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )**

**ତାଲିବେ ଦୁଆ:** Shenaz Begum, W/o- Sheikh Ghulam Ahmed & Family, Jamat Ahmadiya Bhadrak (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan